ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV

Follow us:

ବର୍ଷ-୬ | ସଂଖ୍ୟା-୫୩ | ଶୁକ୍ରବାର | ୧୬ ମଇ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-53 | Friday | 16 May 2025 | Bhubaneswar | Pages-8 | Rs. 2.00

## ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀରେ ଚେତାବନୀ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୫।୫ (ଡିକେ ନ୍ୟୁଜ୍): ଆମର ବ୍ଲକଗୁଡ଼ିକ ହେଉଛି, ଆମ ପ୍ରଶାସନିକ ସଫଳତାର ଦର୍ପଣ। ଯଦି ବ୍ଲକଗୁଡ଼ିକ ଦକ୍ଷତାର ସହ କାମ କରିବେ ଏବଂ ଲୋକମାନେ ସବୁ ଯୋଜନାର ସୁଫଳ ପାଇବେ, ତେବେ ଏହା ସରକାରଙ୍କ ଦକ୍ଷତାର ପ୍ରମାଣ ହେବ। ସମାଜର ଶେଷ ଧାଡ଼ିରେ ଥିବା ଲୋକଟିଏ ଯେପରି ସବୁ ମୌଳିକ ସୁବିଧା ପାଇପାରିବ, ଏହାହିଁ ଆମର ଉଦ୍ଦେଶ୍ୟ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନ ସ୍ଥିତ କନଭେନ୍ସନ୍ ସେଣ୍ଟର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀରେ ପରାମର୍ଶ ଦେଇଛନ୍ତି। ବୈଠକରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜିଲ୍ଲାରେ ସବୁ ଯୋଜନାର ସଫଳ କାର୍ଯ୍ୟକାରିତା ଉପରେ ସରକାରଙ୍କ ସଫଳତା ନିର୍ଭର କରେ। ବ୍ଲକସ୍ତରରେ ହିଁ ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ଜନସାଧାରଣମାନଙ୍କ ପାଖକୁ ପହଞ୍ଚେ। ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି। ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କୁ ଛାଡ଼ିଦେଲା ପରେ, ମୁଖ୍ୟ ବିକାଶ ଅଧିକାରୀ ଏବଂ ବ୍ଲକ୍‌ସ୍ତରରେ ବିଡିଓଙ୍କର ଗୁରୁଦାୟିତ୍ୱ ରହିଛି। ଆପଣମାନେ କ୍ଷେତ୍ରସ୍ତରରେ ଲୋକଙ୍କ ସହିତ ସିଧାସଳଖ ମିଶନ୍ତି। ସେମାନଙ୍କର ସୁବିଧା ଅସୁବିଧା ଜାଣନ୍ତି। ତେଣୁ ମୁଖ୍ୟ କଥା ହେଉଛି, ସରକାରଙ୍କ ସବୁ ଯୋଜନାକୁ ଆପଣମାନେ ଲୋକଙ୍କ ପାଖକୁ ଠିକ୍ ଭାବରେ ପହଞ୍ଚାନ୍ତୁ। ସେମାନଙ୍କୁ କୌଣସି ପରିସ୍ଥିତିରେ ଦୟାର ପାତ୍ର ବୋଲି ଭାବିବେ ନାହିଁ। ଯୋଜନାଗୁଡ଼ିକ ହେଉଛି କେବଳ ଲୋକଙ୍କ ପାଇଁ। ଏହା ସେମାନଙ୍କ ଅଧିକାର। ସରକାର ଓ ଲୋକଙ୍କ ଭିତରେ ଆପଣମାନେ ହେଉଛନ୍ତି ସେତୁ। ସେତୁ ସୁଦୃଢ଼ ଓ ପ୍ରଶସ୍ତ ହେଲେ ଯୋଗାଯୋଗ ବ୍ୟବସ୍ଥା ଭଲ ହୁଏ ବୋଲି ସେ କହିଥିଲେ। ସେ ପୁଣି କହିଥିଲେ ଯେ, ଆପଣମାନେ ନିଜକୁ ଜନସେବକ ଭାବି କାମ କରନ୍ତୁ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ସବୁବେଳେ ନିଜକୁ ପ୍ରଧାନ ସେବକ ବୋଲି କହି ଆସିଛନ୍ତି। ମୁଁ ମଧ୍ୟ ନିଜକୁ ଓଡ଼ିଶାର ମୁଖ୍ୟ ସେବକ ବୋଲି ମନେକରେ। ଆପଣ ନିଯୁକ୍ତି ପାଇଛନ୍ତି ଲୋକଙ୍କ ସେବା କରିବା ପାଇଁ, ତେଣୁ ସେବା ମନୋଭାବ ନେଇ ନିଷ୍ଠାର ସହ କାମ କରିବା ଆପଣମାନଙ୍କ ଦାୟିତ୍ୱ। ମୁଁ ଏଠାରେ ସ୍ପଷ୍ଟ ଭାବରେ କହିବାକୁ ଚାହେଁ ଯେ, ଦାୟିତ୍ୱରେ ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯିବ। ଦୁର୍ନୀତି କିମ୍ବା ଅବହେଳା କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ। ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ମୁଖ୍ୟତଃ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାକୁ ତ୍ୱରାନ୍ୱିତ କରି ଗ୍ରାମାଞ୍ଚଳରେ ଗରିବ ଓ ଆର୍ଥିକ ଅନଗ୍ରସର ଲୋକମାନଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଛି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ କରିବା ପାଇଁ ରାଜ୍ୟ ସରକାର ଅନେକ ଲୋକାଭିମୁଖୀ ଯୋଜନା ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଗ୍ରାମୀଣ • ପୃଷ୍ଠା ୭ ଦେଖନ୍ତୁ...

## ସୁପ୍ରିମକୋର୍ଟଙ୍କୁ ୧୪ ପ୍ରଶ୍ନ ପଚାରିଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ, ୧୫।୫ (ହି.ସ): ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ମଧ୍ୟରେ ଦୂରତା ବୃଦ୍ଧି ହେଉଥିବା ବେଳେ ଜଷ୍ଟିସ ବିଆର ଗବାଇ ଦେଶର ପ୍ରଧାନ ବିଚାରପତି ଭାବେ ଶପଥ ନେଇଛନ୍ତି। ଏବେ ସେ ନ୍ୟାୟପାଳିକାର ସର୍ବୋଚ୍ଚ ଅଧିକାରୀ। କିନ୍ତୁ ଶପଥ ନେବା କ୍ଷଣି ଗୋଟିଏ ବିରଳ ଘଟଣା ଘଟିଛି। ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କୁ ବିଧାନସଭା ଦ୍ୱାରା ପାରିତ ବିଲ ଉପରେ ନିଷ୍ପତ୍ତି ନେବାକୁ ସୁପ୍ରିମକୋର୍ଟ ଧାର୍ଯ୍ୟ କରିଥିବା ସମୟସୀମା ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ସୁପ୍ରିମକୋର୍ଟ ସମ୍ବିଧାନର ଧାରା ୧୪୨ରେ ମିଳିଥିବା ବିରଳ କ୍ଷମତାର ବ୍ୟବହାର କରି ତାମିଲନାଡୁ ମାମଲାର ଶୁଣାଣି କରି ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ପାଇଁ ବିଲ ଉପରେ ନିଷ୍ପତ୍ତି ନେବାକୁ ସମୟସୀମା ଧାର୍ଯ୍ୟ କରିଥିଲେ। କିନ୍ତୁ ସୁପ୍ରିମକୋର୍ଟ କ'ଣ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ପାଇଁ ସମୟ ଧାର୍ଯ୍ୟ କରିପାରିବେ କି? ଏବେ ସିଜେଆଇ ହୋଇଥିବା ବିଆର ଗବାଇଙ୍କୁ ଏହି ଚ୍ୟାଲେଞ୍ଜିଂ ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ। କାରଣ ରାଷ୍ଟ୍ରପତି ବିଧିବଦ୍ଧ ଭାବେ ଏନେଇ ସୁପ୍ରିମକୋର୍ଟଙ୍କୁ ପ୍ରଶ୍ନ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବିଧାନର ଧାରା ୧୪୩ରେ ଥିବା କ୍ଷମତାର ବ୍ୟବହାର କରି ସମ୍ବିଧାନରେ ବ୍ୟବସ୍ଥା ନଥିବା ବେଳେ କେମିତି ସୁପ୍ରିମକୋର୍ଟ ସମୟସୀମା ଧାର୍ଯ୍ୟ କରିପାରିବେ ବୋଲି ପ୍ରଶ୍ନ କରିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ଗବାଇ ଏବେ ରାଷ୍ଟ୍ରପତି ମୁର୍ମୁ ପଚାରିଥିବା ୧୪ଟି ପ୍ରଶ୍ନ ଉପରେ ମତମତ ହାସଲ ପାଇଁ ଗୋଟିଏ ସାମ୍ବିଧାନିକ ବେଞ୍ଚ ଗଠନ କରିପାରନ୍ତି। ଏଥିରେ ୫ କିମ୍ବା ତା' ଠାରୁ ଅଧିକ ବିଚାରପତି ରହିବେ। ସିଜେଆଇ ଭାବେ ଜଷ୍ଟିସ ଗବାଇ ଶପଥ ନେବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୧୪ଟି ପ୍ରଶ୍ନ ସମ୍ବଳିତ ଚିଠି ସୁପ୍ରିମକୋର୍ଟଙ୍କ ନିକଟକୁ ପଠାଇଥିଲେ। ତେବେ ଏହି ୧୪ଟି ପ୍ରଶ୍ନ ଉପରେ ରାଷ୍ଟ୍ରପତି ସୁପ୍ରିମକୋର୍ଟଙ୍କ ମତାମତ ଲୋଡ଼ିଥିଲେ ୧-ଭାରତୀୟ ସମ୍ବିଧାନର ଧାରା ୨୦୦ ଅନୁଯାୟୀ, ରାଜ୍ୟପାଳଙ୍କୁ ଏକ ବିଲ ପ୍ରଦାନ କଲେ ତାଙ୍କ ସମ୍ମୁଖରେ କ'ଣ ସାମ୍ବିଧାନିକ ବିକଳ୍ପ ରହିଥାଏ? ୨-ଭାରତୀୟ ସମ୍ବିଧାନର ଧାରା ୨୦୦ ଅନୁଯାୟୀ, ଏକ ବିଲ ଆଗତ କରିବା ସମୟରେ ରାଜ୍ୟପାଳ କ'ଣ ମନ୍ତ୍ରୀ ପରିଷଦ ଦ୍ୱାରା ଦିଆଯାଇଥିବା ସାହାଯ୍ୟ ଏବଂ ପରାମର୍ଶ ଦ୍ୱାରା ଆବଦ୍ଧ? ୩-ଭାରତୀୟ ସମ୍ବିଧାନର ଧାରା ୨୦୦ ଅନୁଯାୟୀ ରାଜ୍ୟପାଳଙ୍କ ଦ୍ୱାରା ସାମ୍ବିଧାନିକ ବିବେଚନାର ପ୍ରୟୋଗ ଯଥାର୍ଥ କି? ୪-ଭାରତୀୟ ସମ୍ବିଧାନର ଧାରା ୩୬୧ ଭାରତୀୟ ସମ୍ବିଧାନର ଧାରା ୨୦୦ ଅନୁଯାୟୀ • ପୃଷ୍ଠା ୭ ଦେଖନ୍ତୁ...

## ମତ୍ସ୍ୟପାଳନ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ପାଇଁ ପଦକ୍ଷେପ ସମ୍ପର୍କରେ ପ୍ରଧାନମନ୍ତ୍ରୀ କଲେ ବୈଠକ

ନୂଆଦିଲ୍ଲୀ, ୧୫।୫ (ହି.ସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଦିନ ଗଭୀର ସମୁଦ୍ରରେ ମାଛ ଧରିବା ଏବଂ ସାମୁଦ୍ରିକ ଖାଦ୍ୟ ରପ୍ତାନି ଉପରେ ଧ୍ୟାନ ଦେଇ ମତ୍ସ୍ୟ କ୍ଷେତ୍ରର ପ୍ରଗତି ଏବଂ ଭବିଷ୍ୟତ ଯୋଜନାର ସମୀକ୍ଷା ପାଇଁ ଏକ ବୈଠକର ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ର ମତ୍ସ୍ୟ ମନ୍ତ୍ରୀ ରାଜୀବ ରଞ୍ଜନ ଓରଫ ଲଲନ ସିଂହ ଏବଂ ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ। 'ମତ୍ସ୍ୟଚାଷ କ୍ଷେତ୍ରକୁ ଆହୁରି ମଜବୁତ କରିବା ପାଇଁ ଏକ ବୈଠକର ଅଧ୍ୟକ୍ଷତା କରିଛନ୍ତି। ଆମେ ଏହି କ୍ଷେତ୍ରକୁ ବହୁତ ଗୁରୁତ୍ୱ ଦେଉଛୁ ଏବଂ ଏହି କ୍ଷେତ୍ର ସହିତ ଜଡିତ ଭିତିଭୂମିକୁ ଉନ୍ନତ କରିବା ପାଇଁ ବ୍ୟାପକ ଭାବରେ କାର୍ଯ୍ୟ କରିଛୁ। ଆମେ ଆମର ମତ୍ସ୍ୟଜୀବୀମାନଙ୍କ ପାଇଁ ବଜାରରେ ଅଧିକ ପ୍ରବେଶ ଏବଂ ଋଣ ସୁନିଶ୍ଚିତ କରିଛୁ। ଆଜିର ବୈଠକରେ ରପ୍ତାନିକୁ ଉନ୍ନତ କରିବା ଏବଂ ଗଭୀର ସମୁଦ୍ରରେ ମାଛ ଧରିବା ଉପରେ ଧ୍ୟାନ ଦେବାର ଉପାୟ ଉପରେ ଆଲୋଚନା କରାଯାଇଛି,' ପ୍ରଧାନମନ୍ତ୍ରୀ ଏକ୍ସରେ ଲେଖିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଇଣ୍ଡିଆନ୍ ଷ୍ଟିଲ ଆସୋସିଏଶନ୍

### ସୁବିଧାରେ ଲୁହା ପଥର ଯୋଗାଣ ଉପରେ ଗୁରୁତ୍ୱାରୋପ



ଭୁବନେଶ୍ୱର, ୧୫।୫ (ଡିକେ ନ୍ୟୁଜ୍): ଇଣ୍ଡିଆନ୍ ଷ୍ଟିଲ ଆସୋସିଏଶନର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ଇସ୍ପାତ କ୍ଷେତ୍ରର ଅନେକ ପ୍ରତିନିଧି ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରାଜ୍ୟରେ ଅଧିକ ଷ୍ଟିଲ ଉତ୍ପାଦନ ଓ ଏଥିପାଇଁ ଆବଶ୍ୟକ ସୁବିଧା ସୁଯୋଗର ବୃଦ୍ଧି ଉପରେ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ଓ ୨୦୪୭ସୁଦ୍ଧା ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ ହେବା ଓଡିଶାର ଲକ୍ଷ୍ୟ। ଏଥିରେ ଖଣି ଓ ଷ୍ଟିଲ କ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ। ତେଣୁ ଓଡିଶାରେ କମ୍ପାନୀ ପ୍ରତିଷ୍ଠା କରୁଥିବା ସଂସ୍ଥା ଗୁଡିକୁ ସୁବିଧାରେ କଞ୍ଚାମାଲ୍ ଯୋଗାଇଦେବା ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇଦେବା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଷ୍ଟିଲ କମ୍ପାନୀ ଗୁଡିକୁ ମଧ୍ୟ ଉପଯୁକ୍ତ ବିଚାର ଆଲୋଚନା କରାଯାଇ ନିୟମ ଅନୁସାରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆଲୋଚନାରୁ ଜଣାପଡ଼ିଛି ଯେ, ବର୍ତ୍ତମାନ ଦେଶର ଷ୍ଟିଲ ଉତ୍ପାଦନ ପରିମାଣ ବାର୍ଷିକ ୧୬୫ ମିଲିଅନ୍ ଟନ ରହିଛି। ୨୦୪୭ ସୁଦ୍ଧା ଏହି ପରିମାଣ ୫୦୦ ମିଲିଅନ୍ • ପୃଷ୍ଠା ୭ ଦେଖନ୍ତୁ...


## ପାକିସ୍ତାନ ହାତରେ ପରମାଣୁ ଅସ୍ତ୍ର ସୁରକ୍ଷିତ ନୁହେଁ, ତାହା ଆଇଏଇଏ ନେଇଯିବା ଉଚିତ: ରାଜନାଥ ସିଂହ



ଶ୍ରୀନଗର, ୧୫।୫ (ହି.ସ): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଗୁରୁବାର କହିଛନ୍ତି ଯେ 'ଅପରେସନ ସିନ୍ଦୂର' ହେଉଛି ଗତ କିଛି ଦଶନ୍ଧି ଧରି ପାକିସ୍ତାନ ଏବଂ ପାକ୍ ଅଧିକୃତ ଜମ୍ମୁ ଓ କାଶ୍ମୀରରୁ ପଠାଯାଉଥିବା ଆତଙ୍କବାଦ ପ୍ରତି ଭାରତର ଏକ ଅଭୁତ ଏବଂ ଦୃଢ଼ ଜବାବ। ସେନାର ୧୫ କର୍ପସ ବାଦାମୀ ବାଗ କ୍ୟାଣ୍ଟନମେଣ୍ଟରେ ସୈନିକମାନଙ୍କୁ ସମ୍ବୋଧିତ କରି ସେ 'ଅପରେସନ ସିନ୍ଦୂର' କାର୍ଯ୍ୟକାରୀ କରିବା ସମୟରେ ଭାରତୀୟ ସଶସ୍ତ୍ର ବାହିନୀର ସାହସ ଏବଂ ସୂକ୍ଷ୍ମ କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଦେଶ ମାତୃଭୂମିକୁ ସୁରକ୍ଷା ଦେବାରେ ସଶସ୍ତ୍ର ବାହିନୀର ସାହସ, ପ୍ରତିବଦ୍ଧତା ଏବଂ ଦୃଢ଼ ନିଷ୍ଠା ପାଇଁ ଗର୍ବିତ। ସେ କହିଛନ୍ତି, ସମଗ୍ର ବିଶ୍ୱ ଦେଖିଛି ଯେ ପାକିସ୍ତାନ ଭାରତକୁ କେତେ ଦାୟିତ୍ୱହୀନ ଭାବରେ ଧମକ ଦେଇଛି। ପାକିସ୍ତାନ ହାତରେ ଥିବା ପରମାଣୁ ଅସ୍ତ୍ରର ସୁରକ୍ଷା ଉପରେ ପ୍ରଶ୍ନ ଉଠାଇ ସେ କହିଛନ୍ତି ଯେ ପାକିସ୍ତାନର ପରମାଣୁ ଅସ୍ତ୍ରଗୁଡ଼ିକୁ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା (ଆଇଏଇଏ)ର ତତ୍ତ୍ୱାବଧାନରେ ନିଆଯିବା ଉଚିତ। ୨୨ ଏପ୍ରିଲ ପହଲଗାମ ଆକ୍ରମଣର ଜବାବରେ ଭାରତ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କବାଦୀ ଶିବିରଗୁଡ଼ିକୁ ଟାର୍ଗେଟ କରିବା ପାଇଁ ଅପରେସନ ସିନ୍ଦୂର ଆରମ୍ଭ କରିବା ପରେ ଏହା ତାଙ୍କର ପ୍ରଥମ ଜମ୍ମୁ ଓ କାଶ୍ମୀର ଗସ୍ତ। ରାଜନାଥ ସିଂହ କହିଛନ୍ତି ଯେ ସେ 'ଅପରେସନ ସିନ୍ଦୁର'ର ସଫଳ ପରିଚାଳନାରେ ସୈନିକଙ୍କ ସାହସ ଏବଂ ସମର୍ପଣ ପାଇଁ ଦେଶବାସୀଙ୍କ ପ୍ରଶଂସା, ସମ୍ବର୍ଦ୍ଧନା ଏବଂ ଅଭିବାଦନ ଜଣାଇବା ପାଇଁ ଶ୍ରୀନଗରରେ ପହଞ୍ଚିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ ଭାବରେ ଆତଙ୍କବାଦ ବିରୁଦ୍ଧରେ ଭାରତର ଆଭିମୁଖ୍ୟ ଏବଂ ବାର୍ତ୍ତା ଦେଇଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ଆଲୋଚନା ଏବଂ ଆତଙ୍କବାଦ ଏକାଠି ଚାଲିପାରିବ ନାହିଁ ଏବଂ ପାକିସ୍ତାନ ସହିତ ଭବିଷ୍ୟତରେ • ପୃଷ୍ଠା ୭ ଦେଖନ୍ତୁ...

## ଏନ୍‌କାଉଣ୍ଟରରେ ଆଉ ୩ ଆତଙ୍କବାଦୀ ସଫା

ଶ୍ରୀନଗର, ୧୫।୫ (ହି.ସ): ପହଲଗାମ ନରସଂହାର ପରେ ଆରମ୍ଭ ହୋଇଥିବା ଆତଙ୍କବାଦୀ ନିରୋଧ ଅପରେସନକୁ ପୁଣି ସଫଳତା ମିଳିଛି। ଗୁରୁବାର ସୁରକ୍ଷାକର୍ମୀଙ୍କ ଗୁଳିରେ ୩ କୁଖ୍ୟାତ ଆତଙ୍କବାଦୀ ନିହତ ହୋଇଛନ୍ତି। ନିହତ ୩ ଆତଙ୍କବାଦୀ ପାକିସ୍ତାନରେ ସକ୍ରିୟ ଜୈଶ-ଇ-ମହମ୍ମଦ ପାଇଁ କାମ କରୁଥିଲେ। ହେଲେ ଗୁରୁବାର ଜମ୍ମୁ-କଶ୍ମୀରର ଅବନ୍ତିପୁରା ଅନ୍ତର୍ଗତ ନାଦିର ଗାଁରେ ହୋଇଥିବା ଏନକାଉଣ୍ଟରରେ ଏମାନେ ପ୍ରାଣ ହରାଇଛନ୍ତି। ୩ ଆତଙ୍କବାଦୀ ନିହତ ହୋଇଥିଲେ ହେଁ ସ୍ଥାନୀୟ ଅଞ୍ଚଳରେ ଅପରେସନ ଶେଷ ହୋଇନାହିଁ। ଆଉ କିଛି ଆତଙ୍କବାଦୀ ସେଠାରେ ଲୁଚି ରହିଥିବା ଆଶଙ୍କାରେ ସର୍ଚ୍ଚ ଅପରେସନକୁ ଜାରି ରଖାଯାଇଛି। ସେନା ପକ୍ଷରୁ କୁହାଯାଇଛି ଯେ ନିହତ ୩ ଆତଙ୍କବାଦୀ ହେଲେ ଆସିଫ ଅହମଦ ଶେଖ, ଆମୀର ନାଜିର ୱାନି ଓ ୟାୱର ଅହମଦ ଭଟ। ଏମାନଙ୍କ ଘର ଜମ୍ମୁ-କଶ୍ମୀରର ପୁଲୱାମାରେ। ଏମାନେ ଜୈଶ ଇସାରରେ ଏଠାରେ କାମ କରୁଥିଲେ। ସ୍ଥାନୀୟ ଅଞ୍ଚଳରେ ୩ ଜଣ ଆତଙ୍କବାଦୀ ଲୁଚି ରହିଥିବା ଗୁରୁବାର ସକାଳୁ ଖବର ମିଳିଥିଲା। ଏହାପରେ ଜମ୍ମୁ-କଶ୍ମୀର ପୋଲିସ୍ ଓ ସ୍ଥଳ ସେନା ପକ୍ଷରୁ ମିଳିତ ଭାବେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ଆତଙ୍କବାଦୀମାନେ ଗୋଟିଏ ଘର ଭିତରେ ଲୁଚି ଥିଲେ। ସେମାନଙ୍କୁ ଆତ୍ମସମର୍ପଣ ପାଇଁ କୁହାଯାଇଥିଲେ ହେଁ ସେମାନେ ଗୁଳି ମାଡ଼ କରିଥିଲେ। ସୁରକ୍ଷାକର୍ମୀଙ୍କ ପକ୍ଷରୁ ମଧ୍ୟ ଏହାର ଜବାବ ଦିଆଯାଇଥିଲା। ବେଶ କିଛି ସମୟ ଧରି ଚାଲିଥିବା ଗୁଳି ବିନିମୟରେ ୩ଜଣ ଯାକ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ନିକଟରୁ ଏକେ -୪୭ ସମେତ ବିଭିନ୍ନ ପ୍ରକାରର ବିସ୍ଫୋରକ ଜବତ ହୋଇଛି। ଗତ ୪୮ ଘଣ୍ଟା ମଧ୍ୟରେ ଏହା ଜମ୍ମୁ-କଶ୍ମୀରରେ ଦ୍ୱିତୀୟ ଏନକାଉଣ୍ଟର। ବୁଧବାର କୁଲଗାମରେ ଆରମ୍ଭ ହୋଇଥିବା ଏନକାଉଣ୍ଟର ଶୋପିଆନକୁ ଶିଫ୍ଟ ହୋଇଯାଇଥିଲେ। ଶୋପିଆନର କେଲେର ଠାରେ ହୋଇଥିବା ଏନକାଉଣ୍ଟରରେ ଲସ୍କର-ଇ-ତାଏବାର ୩ ଜଣ ଆତଙ୍କବାଦୀ ନିହତ ହୋଇଥିଲେ। ନିହତ ୩ ଜଣଙ୍କ ମଧ୍ୟରୁ ଦୁଇ ଜଣ ହେଲେ • ପୃଷ୍ଠା ୭ ଦେଖନ୍ତୁ...







## ବଳବତ୍ତର ରହିବ ସିନ୍ଧୁ ନଦୀ ଚୁକ୍ତି ସ୍ଥଗିତ ନିଷ୍ପତ୍ତି: ଜୟଶଙ୍କର



ନୂଆଦିଲ୍ଲୀ, ୧୫।୫ (ହି.ସ): ପହଲଗାମ ନରସଂହାର ପରେ ପାକିସ୍ତାନ ସହ ହୋଇଥିବା ସିନ୍ଧୁ ଜଳ ଚୁକ୍ତି ଉପରେ ଭାରତ ସରକାର ରୋକ ଲଗାଇ ଦେଇଛନ୍ତି। ଏହା ଉପରେ ପୁଣି ବିଚାର କରିବାକୁ ପାକିସ୍ତାନ ଭାରତକୁ ଚିଠି ଲେଖିବାର ଦିନକ ପରେ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ମୁହଁ ଖୋଲିଛନ୍ତି। ପାକିସ୍ତାନ ସୀମା ପାର ଆତଙ୍କବାଦ ଉପରେ ସଂପୂର୍ଣ୍ଣ ଭାବେ ରୋକ ନ ଲଗାଇବା ଯାଏ ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ ରହିବ ବୋଲି ବୈଦେଶିକ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ ରହିଥିଲା ଓ ପାକିସ୍ତାନ ଦାୟିତ୍ୱବାନ ଏବଂ ସଠିକ ଢଙ୍ଗରେ ସୀମା ପାର ଆତଙ୍କବାଦକୁ ବନ୍ଦ ନ କରିବା ଯାଏ ଏହା ବଳବତ୍ତର ରହିବ। ସେହିପରି ପାକିସ୍ତାନ ସହ କଶ୍ମୀର ପ୍ରସଙ୍ଗରେ ଆଲୋଚନା କରିବାକୁ ଭାରତ ରାଜି। କିନ୍ତୁ ଏହି ଆଲୋଚନା କେବଳ ପାକିସ୍ତାନ ବେଆଇନ ଭାବେ ଦଖଲ କରିଥିବା କଶ୍ମୀର ଅଞ୍ଚଳ ଫେରାଇବା ସମ୍ପର୍କରେ ହେବ ବୋଲି ଜୟଶଙ୍କର କହିଛନ୍ତି। ବୈଦେଶିକ ବ୍ୟାପର ମନ୍ତ୍ରୀ ଜୟଶଙ୍କର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ଶୂନ ଟାରିଫ' ଦାବି ଉପରେ ମଧ୍ୟ ମତ ରଖିଛନ୍ତି। ଟ୍ରମ୍ପ ଦୋହାରେ କହିଥିଲେ, ସେମାନେ (ଭାରତ) ଆମକୁ ଡିଲର ପ୍ରସ୍ତାବ ଦେଇଛନ୍ତି। ମୁଖ୍ୟତଃ ସେମାନେ ଆମ ଉପରେ କୌଣସି ପ୍ରକାରର ଟାରିଫ • ପୃଷ୍ଠା ୭ ଦେଖନ୍ତୁ...



# ବେଦାନ୍ତ ଆଲୁମିନିୟମରେ ଆନ୍ତର୍ଜାତୀୟ ପରିବାର ଦିବସ



**ଝାରସୁଗୁଡା,(ଡିକେ ନ୍ୟୁଜ୍):** ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ୍, 'ଗର୍ବିତ ପିତାମାତା' (ପ୍ରାଉଡ୍ ପ୍ୟାରେଣ୍ଟସ୍) ଆୟୋଜନ କରି ଆନ୍ତର୍ଜାତୀୟ ପରିବାର ଦିବସ ପାଳନ କରିଛି। ଯାହା ଏହାର କର୍ମଚାରୀଙ୍କ ପିତାମାତାଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଆୟୋଜିତ ଏକ ବାର୍ଷିକ କାର୍ଯ୍ୟକ୍ରମ। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ସେମାନଙ୍କୁ ଝାରସୁଗୁଡ଼ାରେ ଏହାର ମେଗା ଆଲୁମିନିୟମ କାରଖାନାର ପ୍ରଥମ ଅଭିଜ୍ଞତା ପ୍ରଦାନ କରିବା ଏବଂ ଏହାର କର୍ମଚାରୀଙ୍କ ମଧ୍ୟରେ ଏକ ପରିବାର କୈନ୍ଦ୍ରିକ ସଂସ୍କୃତିକୁ ପ୍ରୋତ୍ସାହିତ କରିବା। ଚଳିତ ବର୍ଷ ମିଳିତ ଜାତିସଂଘ ଦ୍ୱାରା ନିର୍ଦ୍ଧାରିତ ବିଷୟବସ୍ତୁ-ସ୍ଥାୟୀ ବିକାଶ ପାଇଁ ପରିବାର-ଭିତ୍ତିକ ନୀତିକୁ ଧ୍ୟାନରେ ରଖି, କମ୍ପାନୀର ପରିବାର ଦିବସ ସମାରୋହର କେନ୍ଦ୍ରରେ 'ଗର୍ବିତ ପିତାମାତା' ର ସଦ୍ୟତମ ସଂସ୍କରଣ ଆୟୋଜିତ ହୋଇଥିଲା। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ, ବିଶ୍ୱର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନ କାର୍ଯ୍ୟ ମଧ୍ୟରୁ ଅନ୍ୟତମ ଏହି କାରଖାନାକୁ ଝାରସୁଗୁଡ଼ାରେ ଥିବା ବେଦାନ୍ତ କର୍ମଚାରୀଙ୍କ ପିତାମାତାଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସେମାନଙ୍କୁ କାର୍ବନ, ପଟଲାଇନ, କାଷ୍ଟ ହାଉସ ଏବଂ ପାୱାର ପ୍ଲାଣ୍ଟ ଅଞ୍ଚଳ ସମେତ କାରଖାନା ମଧ୍ୟରେ ଥିବା ପ୍ରମୁଖ ୟୁନିଟଗୁଡ଼ିକୁ ବୁଲି ଦେଖିବାର ସୁଯୋଗ ମିଳିଥିଲା। ଏହା ବ୍ୟତୀତ, ସେମାନଙ୍କୁ କର୍ମଚାରୀଙ୍କ ଉଦ୍ଦିଷ୍ଟ ଟାଉନସିପ୍ ପରିଦର୍ଶନରେ ମଧ୍ୟ ନିଆଯାଇଥିଲା, ଯେଉଁଠାରେ ମନୋରଞ୍ଜନ କ୍ଷେତ୍ର, ସୁଇମିଂ ପୁଲ୍, ଜିମ୍, ଷ୍ଟାଡିୟମ, ଅଡିଟୋରିୟମ୍, ଡେ କେୟାର ସୁବିଧା, ସୁପରମାର୍କେଟ, ଡାକ୍ତରଖାନା ଏବଂ ଅନ୍ୟାନ୍ୟ ଅନେକ ସୁବିଧା ରହିଛି। ଆହୁରି ମଧ୍ୟ ସେମାନଙ୍କୁ ଝାରସୁଗୁଡ଼ାରେ ବେଦାନ୍ତ ଦ୍ୱାରା ଚାଲିଥିବା ଗୋଷ୍ଠୀ ବିକାଶ ପ୍ରକଳ୍ପ ସହିତ ପରିଚିତ କରାଯାଇଥିଲା, ଯାହା ଶିକ୍ଷା, ଜୀବିକା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ ଏବଂ ଗୋଷ୍ଠି ଭିତ୍ତିଭୂମି ସମେତ ଅନେକ କ୍ଷେତ୍ରରେ ପରିବ୍ୟାପ୍ତ। ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଥିଲେ ଯେ ବେଦାନ୍ତରେ, ଆମେ ବିଶ୍ୱାସ କରୁ ଯେ ଏକ ସୁଦୃଢ଼ ସଙ୍ଗଠନ ସୁଦୃଢ଼ ପରିବାର ଏବଂ ସୁଦୃଢ଼ ଗୋଷ୍ଠି ଭାଗିଦାରୀର ମୂଳଦୁଆ ଉପରେ ନିର୍ମିତ ହୋଇଥାଏ। ତେଣୁ ଆନ୍ତର୍ଜାତୀୟ ପରିବାର ଦିବସ ଅବସରରେ ଆମର ପଦକ୍ଷେପ କେବଳ ଏକ ଉତ୍ସବ ନୁହେଁ-ବେଦାନ୍ତ ଟିମ୍ ପ୍ରତ୍ୟେକ ସଦସ୍ୟଙ୍କୁ ଦୃଶ୍ୟମାନ, ମୂଲ୍ୟବାନ ଏବଂ ସଶକ୍ତ ଅନୁଭବ କରିବା ପାଇଁ ଏହା ଆମର ପ୍ରତିବଦ୍ଧତାର ଏକ ଅଂଶ। 'ଗର୍ବିତ ପିତାମାତା' ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ପିତାମାତାଙ୍କୁ ବ୍ୟବସାୟର ପ୍ରଥମ ଝଲକ ପ୍ରଦାନ କରିବା ଏବଂ ସେମାନଙ୍କ ପିଲାମାନଙ୍କ ଦ୍ୱାରା ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ସାକ୍ଷୀ ହେବା ସହିତ ସେମାନଙ୍କର ସୁସ୍ଥତାର ଭଲ ଯତ୍ନ ନିଆଯାଉଛି ବୋଲି ଆଶ୍ୱାସନା ପ୍ରଦାନ କରିବା। ଏହି ପଦକ୍ଷେପ ବେଦାନ୍ତର ବିଶ୍ୱାସକୁ ପ୍ରତିଫଳିତ କରେ ଯେ ଜଣେ କର୍ମଚାରୀଙ୍କ ସଫଳତା ଏବଂ କଲ୍ୟାଣ ପାଇଁ ପରିବାର ହେଉଛି ମୂଳଦୁଆ। ପିତାମାତାଙ୍କ ପାଇଁ ସେମାନଙ୍କ ପିଲାମାନଙ୍କ କାର୍ଯ୍ୟ, ମୂଲ୍ୟବୋଧ ଏବଂ ପରିବେଶର ପ୍ରତ୍ୟକ୍ଷ ସାକ୍ଷୀ ହେବାର ସୁଯୋଗ ସୃଷ୍ଟି କରି, ଏହି ପଦକ୍ଷେପ ଗର୍ବ, ବିଶ୍ୱାସ ଏବଂ ଗଭୀର ଭାବପ୍ରବଣ ସମ୍ପର୍କକୁ ପ୍ରୋତ୍ସାହିତ କରିଛି।

# ଭାରତୀୟ ସେନାର ଲଢ଼େଇ ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଢ଼ ନେତୃତ୍ୱକୁ ପ୍ରଶଂସା

## ସେନା, ସହିଦ ଓ ଯୁଦ୍ଧ ପ୍ରଭାବିତ ପରିବାର କଲ୍ୟାଣ ପାଇଁ ଜେଏସପି ଏହାର କର୍ମଚାରୀମାନଙ୍କ ଗୋଟିଏ ଦିନର ବେତନ ମିଶାଇ ୫ କୋଟି ଟଙ୍କା ପ୍ରଦାନ କରିବ

**ଅନୁଗୁଳ,(ଡିକେ ନ୍ୟୁଜ୍):** ଆତଙ୍କବାଦ ବିରୋଧରେ ଭାରତୀୟ ସେନାର ଅଦମ୍ୟ ସାହସ, ପରାକ୍ରମର ନିଦର୍ଶନ ତଥା ନିର୍ଣ୍ଣାୟକ ଲଢ଼େଇ ଅପରେସନ ସିନ୍ଦୁରର ସଫଳତାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି) ପକ୍ଷରୁ ଅନୁଗୁଳ ପ୍ଲାଣ୍ଟ ପରିସରରେ ଏକ ତ୍ରିରଙ୍ଗା ଯାତ୍ରାର ଆୟୋଜନ କରାଯାଇଥିଲା। କୁରୁକ୍ଷେତ୍ର ସଂସଦୀୟ ନିର୍ବାଚନ ମଣ୍ଡଳୀରୁ ତିନି ଥର ନିର୍ବାଚିତ ମାନ୍ୟବର ସାଂସଦ, ଜେଏସପିର ଅଧ୍ୟକ୍ଷ ତଥା ଫ୍ଲାଗ୍ ଫାଉଣ୍ଡେସନ ଅଫ୍ ଇଣ୍ଡିଆର ସଭାପତି ନବୀନ ଜିନ୍ଦଲ ଏହି ତ୍ରିରଙ୍ଗାଯାତ୍ରାର ନେତୃତ୍ୱ ନେଇଥିଲେ। ଜିନ୍ଦଲ ଟାଉନସିପ୍ ପରିସରରୁ ଆରମ୍ଭ ତ୍ରିରଙ୍ଗା ଶୋଭାଯାତ୍ରା ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ନିକଟରେ ପହଞ୍ଚିଥିଲା। ଏଥିରେ ଶତାଧିକ କର୍ମଚାରୀ, ସେମାନଙ୍କ ପରିବାର ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ। ସମସ୍ତେ ତ୍ରିରଙ୍ଗା ହାତରେ ଧରି ବନ୍ଦେ ମାତରମ ଓ ଭାରତ ମାତାକି ଜୟ ଧ୍ୱନୀ ଦେଇ ସଭାସ୍ଥଳରେ ପହଞ୍ଚିଥିଲେ। ଜନସାଧାରଣଙ୍କୁ ସଗୌରବେ ଜାତୀୟ ପତାକା ଉଡ଼ାଇବାର ଅଧିକାର ପ୍ରଦାନ ପାଇଁ ଦୀର୍ଘ ଦଶନ୍ଧିର ନ୍ୟାୟିକ ଲଢ଼େଇ ଲଢ଼ିଥିବା ନବୀନ ଜିନ୍ଦଲ ଅପରେସନ ସିନ୍ଦୁରର ସଫଳତା ପାଇଁ ତାଙ୍କ ଭାବପୂର୍ଣ୍ଣ ଅଭିଭାଷଣରେ ଭାରତୀୟ ସେନାର ବୀରତାକୁ ପ୍ରଶଂସା କରିଥିଲେ। ଶ୍ରୀ ଜିନ୍ଦଲ କହିଥିଲେ, ଅପରେସନ ସିନ୍ଦୁର ଆମର ଆତ୍ମବିଶ୍ୱାସକୁ ଆହୁରି ମଜଭୁତ କରିଛି। ଆମେ ସମସ୍ତେ ଯଶସ୍ୱୀ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଭାରତୀୟ ସେନା ନିକଟରେ କୃତଜ୍ଞ। ଆମର ସାହସୀ ସୈନିକମାନେ ଦୃଢ଼ତାର ସହ ଜବାବ ଦେଇଛନ୍ତି। ଆମେ ସେମାନଙ୍କ ପାଇଁ ଗର୍ବିତ। ଏବେ ନିରୀହ, ନିରସ୍ତ୍ର ଜନସାଧାରଣଙ୍କ ଉପରେ ଆକ୍ରମଣ କରିବାକୁ ସାହସ କରିବେ ନାହିଁ। ସେମାନେ ଆମ ଉପରକୁ ପଥର ପକାଇଲେ ଭାରତ ଗୁଳିରେ ତା'ର ଜବାବ ଦେବ। ଆମଦେଶ ସମସ୍ତ ଶକ୍ତି ପ୍ରୟୋଗ କରି ଲଢ଼େଇ କରିବ। ଏହା ସହିତ ଏହି ତ୍ରିରଙ୍ଗା ଯାତ୍ରା ଭାରତୀୟ ସେନା ପ୍ରତି ପ୍ରେମ ଓ କୃତଜ୍ଞତାର ନିଦର୍ଶନ। ଏହି ଅବସରରେ ସେ ଘୋଷଣା କରିଥିଲେ ଯେ ଜେଏସପି ପକ୍ଷରୁ ସମସ୍ତ କର୍ମଚାରୀ ସେମାନଙ୍କ ଗୋଟିଏ ଦିନର ଦରମା ମିଶାଇ ୫ କୋଟି ଟଙ୍କା ସେନା, ଓ ସହିଦଙ୍କ ପରିବାର ଓ ଏହି ଯୁଦ୍ଧ ପ୍ରଭାବିତ ସାଧାରଣ ଭାରତୀୟ ପରିବାରର କଲ୍ୟାଣ ପାଇଁ ପ୍ରଦାନ କରିବ। ଏହି ତ୍ରିରଙ୍ଗାଯାତ୍ରାରେ ଏକ ହଜାରରୁ ଅଧିକ ଲୋକଙ୍କ ଯୋଗଦାନ ସେମାନଙ୍କ ଜାତୀୟତା ଓ ଦେଶପ୍ରୀତିକୁ ପ୍ରତିଫଳିତ କରଥିଲା। ଏହି ତ୍ରିରଙ୍ଗାଯାତ୍ରାର ଆୟୋଜନ ଦେଶସେବା ଓ ଗୋଷ୍ଠୀ ଉନ୍ନୟନ ପ୍ରତି ଜେଏସପିର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। ଏହି ଅଭିନବ ପଦକ୍ଷେପ ଅନେକ ପ୍ରମୁଖ ଓ ପ୍ରଭାବଶାଳୀ ସାମାଜିକ ନେତୃତ୍ୱଙ୍କୁ ଏହି ଯାତ୍ରାରେ ସାମିଲ ହେବା ପାଇଁ ଉତ୍ସାହିତ କରିଥିଲା। ଜେଏସପିର ଏକ୍ଜକ୍ୟୁଟିଭ ଡାଇରେକ୍ଟର (ଇନ-ଚାର୍ଜ) ପଙ୍କଜ ମଲ୍ହାନ, ଏକ୍ଜକ୍ୟୁଟିଭ ଡାଇରେକ୍ଟର (ପ୍ରୋଜେକ୍ଟ) ଦାମୋଦର ମିତ୍ତଲ, ସିଏଚଆରଓ ଦିଲୀପ ସିହ୍ନାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ଭବ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ବିସ୍ଥାପିତ ପରିବାର ମହିଳା ସଦସ୍ୟଙ୍କୁ ଆତ୍ମନିର୍ଭରଶୀଳ ପାଇଁ ଉତ୍କଳ ଆଲୁମିନାର ପ୍ରୟାସ

**ରାୟଗଡା,(ଡିକେ ନ୍ୟୁଜ୍):** ରାୟଗଡ଼ା ଜିଲ୍ଲା ଟିକିରି ଦୋରଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗୃପ୍‌ର ସହଯୋଗୀ କମ୍ପାନୀ ପକ୍ଷରୁ ଆଜି ସ୍ଥାନୀୟ ନୂଆପଡା ଠାରେ ଫିନାଇଲ ତିଆରି ପ୍ରଶିକ୍ଷଣ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କମ୍ପାନୀର ସିଇଓ ସୌରଭ ଖେଡ଼କର, କ୍ଲଷ୍ଟର ମାନବ ସମ୍ବଳ ମୁଖ୍ୟ ଡ଼. କ୍ରୀଷ୍ଣା ପାଢ଼ୀ ଓ କାରଖାନା ମୁଖ୍ୟ ରବି ନାରାୟଣ ମିଶ୍ର ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଉତ୍କଳ ଆଲୁମିନା ପକ୍ଷରୁ ଏହି ଫିନାଇଲ ତିଆରି ୟୁନିଟ ସ୍ଥାପନ ହୋଇଥିବାବେଳେ ଏହାଦ୍ୱାରା କମ୍ପାନୀ ତରଫରୁ ଆର୍ ଆର ୧ କଲୋନୀର ୭୪ ଜଣ ବିସ୍ଥାପିତ ପରିବାରର ମହିଳା ସଦସ୍ୟଙ୍କୁ ଆର୍ଥିକ ସ୍ୱାବଲମ୍ବୀ ହେବା ନିମନ୍ତେ ତାଲିମ ପ୍ରଦାନ ଆରମ୍ଭ କରାଯଇଅଛି। କମ୍ପାନୀ ତରଫରୁ ସମସ୍ତ ବିସ୍ଥାପିତ ପରିବାରର ମହିଳା ସଦସ୍ୟଙ୍କୁ ପ୍ରଥମ ପର୍ଯ୍ୟାୟରେ ଆନୁସଙ୍ଗିକ ସୁବିଧା ଯୋଗାଇଥିବା ବେଳେ ମହିଳାଙ୍କୁ ଫିନାଇଲ ତିଆରି ନେଇ କୌଶଳ ପ୍ରଦାନ ମଧ୍ୟ କରାଯାଇଛି। ଏଥିସହିତ ତିଆରି ହୋଇଥିବା ଫିନାଇଲକୁ ସ୍ଥାନୀୟ ବଜାରରେ ବିକ୍ରୟ ସକାଶେ କମ୍ପାନୀ



ତରଫରୁ ସମସ୍ତ ସୁଯୋଗ ପ୍ରଦାନ କରାଯିବ ନେଇ ବ୍ୟବସ୍ଥା ହୋଇଛି। ମହିଳାଙ୍କୁ ଆତ୍ମନିର୍ଭରଶୀଳ ପାଇଁ କମ୍ପାନୀ ତରଫରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଫିନାଇଲ ତିଆରି ପାଇଁ ଆବଶ୍ୟକ ସାମଗ୍ରୀ ଓ ପ୍ରଶିକ୍ଷକ ସନ୍ତୋଷ କୁମାର ନନ୍ଦଙ୍କୁ ନିୟୋଜିତ କରାଯାଇଛି। ଉକ୍ତ ଆର ଓ ଆର କଲୋନୀ ମହିଳାଙ୍କ ମଧ୍ୟରେ ଫିନାଇଲ ତିଆରି ପ୍ରଶିକ୍ଷଣକୁ ନେଇ ପ୍ରଚୁର ଆଗ୍ରହ ପରିଲିକ୍ଷିତ ହୋଇଥିବା ଦେଖିବାକୁ ମିଳିଛି । ମହିଳାମାନେ ଉତ୍ସାହ ସହକାରେ ଯୋଗ ଦେଇ ଫିନାଇଲ ପ୍ରସ୍ତୁତି କାର୍ଯ୍ୟରେ ଅଂଶ ଗ୍ରହଣ କରିଥିବା ବେଳେ ଦୈନିକ ୫୦୦ ଲିଟରରୁ ଉର୍ଦ୍ଧ୍ୱ ପରିମାଣର ଫିନାଇଲ ତିଆରି ପାଇଁ ଲକ୍ଷ ଧାର୍ଯ୍ୟ କରାଯଇଛି। ସମ୍ପ୍ରତି କମ୍ପନୀ ପକ୍ଷରୁ ମହିଳାଙ୍କୁ ଏଭଳି ଆତ୍ମନିର୍ଭରଶୀଳ ସକାଶେ ପଦକ୍ଷେପ ଗ୍ରହଣ କରିଥିବାରୁ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କାରଖାନା ଆର୍ଥ ବିଭାଗ ମୁଖ୍ୟ ଭାସ୍କର ବାନେରଜୀ, ମାନବ ସମ୍ବଳ ପ୍ରମୁଖ ବିଜୟ କୁମୁରା, ସିଏସଆର ମୁଖ୍ୟ ଲୋପାମୁଦ୍ରା ମିଶ୍ର, ଆଇଆର ମୁଖ୍ୟ କିରଣ ନାୟକ ଓ କର୍ପୋରେଟ ଆଫଏର, ଲୋକ ସମ୍ପର୍କ ବିଭାଗ ସାଧାରଣ ପରିଚାଳକ ପିତାମ୍ବର ବେହେରା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଏସଏଚଏମ ଆର ଓ ଆର ବିଭାଗୀୟ ମୁଖ୍ୟ ବେଲକର ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ବିଭାଗର ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ସମ୍ବଲପୁର ସହରରେ ଆଉ ଏକ ୧୧ କେ.ଭି. ଭୂତଳ ଲାଇନର ଶୁଭାରମ୍ଭ

**ବୁର୍ଲା,(ଡିକେ ନ୍ୟୁଜ୍):** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼ (ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ ଅଇଁଠାପାଲି ସ୍ଥିତ ୩୩/୧୧ କେ.ଭି. ପାୱାର୍ ସବଷ୍ଟେସନ୍ (ପିଏସ୍ଏସ୍) ଠାରୁ ସମ୍ବଲପୁର ସହରର ଜ୍ୟୋତି ମାର୍କେଟ ପର୍ଯ୍ୟନ୍ତ ୧.୯ ସର୍କିଟ କିଲୋମିଟର ଦୂର ବିଶିଷ୍ଟ ଏକ ନୂତନ ୧୧ କେ.ଭି. ଭୂତଳ ବିଦ୍ୟୁତ୍ ଲାଇନ୍ ପ୍ରକଳ୍ପର ସଫଳତାର ସହିତ ସମାପ୍ତି କରାଯିବା ସହ ଗତକାଲି (ତା. ୧୪ ମଇ ୨୦୨୫ ରିଖ୍) ଦିନ ଏହାକୁ ଆନୁଷ୍ଠାନିକ ଭାବରେ ଚାର୍ଜ କରାଯାଇ କାର୍ଯ୍ୟକ୍ଷମ କରାଯାଇଅଛି। ଏହି ପ୍ରକଳ୍ପ ପାଇଁ କମ୍ପାନୀ ପକ୍ଷରୁ ୧.୨୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଅଛି। ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ହେଉଛି ସମ୍ବଲପୁର ସହର ଅନ୍ତର୍ଗତ ବୁଢ଼ାରାଜା, ଫାଟକ୍, ଜ୍ୟୋତି ମାର୍କେଟ, ଦେହୁରିପାଲି, ଶାନ୍ତି ନଗର ଏବଂ ମାତୃ ବିହାର ଭଳି ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ କ୍ଷେତ୍ରଗୁଡ଼ିକୁ ନିରବଚ୍ଛିନ୍ନ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା। ଯାହା ଦ୍ୱାରା ଏହି ଅଞ୍ଚଳ ଗୁଡ଼ିକରେ ୫ ହଜାରରୁ ଅଧିକ ବ୍ୟବସାୟୀକ ତଥା ଘରୋଇ ଗ୍ରାହକ ଉପକୃତ ହୋଇପାରିବେ। ପୂର୍ବରୁ, ଏହି ଅଞ୍ଚଳ ଗୁଡ଼ିକ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟର ସମ୍ମୁଖୀନ ହେଉଥିଲା। ବିଶେଷକରି କାଳବୈଶାଖୀ ତଥା ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହି ଅଞ୍ଚଳର ବିଦ୍ୟମାନ ଓଭରହେଡ୍ ୧୧ କେ.ଭି. ଫାଟକ୍ ଫିଡରରେ ଅନେକ କ୍ଷୟକ୍ଷତି ଘଟୁଥିଲା। ଫଳରେ ଉକ୍ତ ଅଞ୍ଚଳମାନଙ୍କରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହେଉଥିଲା। ତେବେ ଏହି ନୂତନ ଭୂତଳ କେବୁଲ ବିଦ୍ୟମାନ ୧୧ କେ.ଭି. ଫାଟକ୍ ଓଭରହେଡ୍ ଫିଡର୍ ଲାଇନର ଏକ ବିକଳ୍ପ



ଭାବରେ କାର୍ଯ୍ୟ କରିବ, ଯାହା ଫିଡର୍ ଲାଇନରେ କ୍ଷଣସ୍ଥାୟୀ ତ୍ରୁଟି ତଥା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଦ୍ୟୁତ୍ ସେବା ବ୍ୟାଘାତକୁ ହ୍ରାସ କରିବା ସହ ବିଦ୍ୟୁତ୍ ଯୋଗାଣର ଗୁଣବତ୍ତା ଏବଂ ନିର୍ଭରଯୋଗ୍ୟତାକୁ ଉନ୍ନତ କରିବ। ସେହିପରି ଏହି ପ୍ରକଳ୍ପ ସମ୍ବଲପୁର ଟାଉନର ଏକ ପ୍ରମୁଖ ଉତ୍ସବ ଶୀତଳ ଷଷ୍ଠୀ ପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାରେ ସମର୍ଥନ କରିବ ବୋଲି ମଧ୍ୟ ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଟିପିଡବ୍ଲ୍ୟୁଓଡିଏଲ୍ ଭୂତଳ କେବୁଲିଂ ଭଳି ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ ସମାଧାନ ଗ୍ରହଣ କରି ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ଭିତ୍ତିଭୂମିକୁ ଆଧୁନିକୀକରଣ କରିବା ପାଇଁ ପ୍ରତିବଦ୍ଧ।




# ପ୍ରଥମ ଥର ଶ୍ରୀନଗରରେ ପହଞ୍ଚିଲା ଯାତ୍ରୀବାହୀ ଟ୍ରେନ, ୮ଶହ ଯବାନ କଲେ ଐତିହାସିକ ରେଳଯାତ୍ରା

**ଜମ୍ମୁ,(ହି.ସ):** ଭାରତୀୟ ସେନାର ପ୍ରାୟ ୮ଶହ ଯବାନ କାଲି ଦିଲ୍ଲୀରୁ ଶ୍ରୀନଗର ଯାଏ ପ୍ରଥମ ଥର ରେଳଯାତ୍ରା କରି ଏକ ଇତିହାସ ରଚିଛନ୍ତି । ଏହି ଯାତ୍ରା କଟରା ଦେଇ ଯାଇଥିଲା ଏବଂ ଏହା ଦେଶର ପ୍ରମୁଖ ଭୂମିକୁ କଶ୍ମୀର ସହ ଯୋଡୁଥିବା ରେଳ ପ୍ରକଳ୍ପ ଉଧମପୁର-ଶ୍ରୀନଗର-ବାରମୂଳା ରେଳ ଲିଙ୍କ ପୂରଣ ହେବା ପରେ ସମ୍ଭବ ହୋଇଛି । ଏହି ଟ୍ରେନ ସଂପର୍କରେ ସମସ୍ତ ପ୍ରକାରର ତଥ୍ୟ ଗୁପ୍ତ ରଖାଯାଇଥିଲା। ଏହି ଟ୍ରେନ ସହିତ ରେଲୱେ ଷ୍ଟାଫଙ୍କୁ ବି ଯିବାକୁ ଦିଆଯାଇନଥିଲା । କେବଳ ଜରୁରୀ ଅଧିକାରୀ ଓ କର୍ମଚାରୀ ହିଁ ଟ୍ରେନକୁ ନେଇ ବାହାରିଥିଲେ। ଏହି ଯାତ୍ରା ସେହି ଯବାନଙ୍କ ପାଇଁ ଥିଲା, ଯେଉଁମାନେ ଛୁଟିରେ ଥିଲେ ଏବଂ ଜମ୍ମୁ କଶ୍ମୀର ଅଭିମୁଖେ ଉଡାଣ ରଦ୍ଦ ହେବା କାରଣରୁ ନିଜ ଗନ୍ତବ୍ୟରେ ପହଂଚିପାରୁନଥିଲେ । ଏଭଳି ପରିସ୍ଥିତିରେ ରେଲୱେ ପକ୍ଷରୁ ଏହି ବ୍ୟବସ୍ଥା କରାଯାଇଥିଲା ।

## ଉତ୍ତର ପ୍ରଦେଶ : ୩ ସ୍ଥାନରେ ସଡ଼କ ଦୁର୍ଘଟଣାରେ ୧୬ ମୃତ

**ଲକ୍ଷ୍ନୌ,(ହି.ସ.):** ଉତ୍ତର ପ୍ରଦେଶ ନିମନ୍ତେ ଗୁରୁବାର ସକାଳ ସଡ଼କ ଦୁର୍ଘଟଣାରେ ଭରି ରହିଥିଲା । ଏସବୁ ସଡ଼କ ଦୁର୍ଘଟଣାରେ ଅଦ୍ୟାବଧି ୧୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ କେତେକ ଲୋକ ଆହତ ହୋଇଛି। ବଳରାମପୁରରେ ବିବାହ ଉତ୍ସବରୁ ଏକ କାର୍ ରେ ଫେରୁଥିବା ୫ ଜଣଙ୍କ ମୃତ୍ୟୁ ଘଟିଛି । ଏହା ପୂର୍ବରୁ ଲକ୍ଷ୍ନୌର କିସାନ ପଥ ରେ ବସ୍ ନିଆଁ ଲାଗି ୫ ଜଣ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ସମବେଦନା ଜଣାଇବା ସହିତ ଆହତଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇଦେବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହରଦୋଇ ଜିଲ୍ଲାର କାସିମପୁର ଥାନା ଅଂଚଳରେ ଗୁରୁବାର ସକାଳେ ସଣ୍ଡିଲା- ବାଙ୍ଗରମଉ ରାସ୍ତାର ହରଦଲମଉ ଗ୍ରାମ ନିକଟରେ ଏକ ଟ୍ରକ୍ ଅଟୋକୁ ଧକ୍କା ଦେଇଥିଲା।

# ଦିଲ୍ଲୀ ଏମ୍ସରେ ନକ୍ସଲ ବିରୋଧୀ ଅପରେସନରେ ଆହତ ସୈନିକମାନଙ୍କୁ ଭେଟିଲେ ଅମିତ ଶାହ

**ନୂଆଦିଲ୍ଲୀ,(ହି.ସ.):** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର ଦିଲ୍ଲୀର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ର ଟ୍ରମା ସେଂଟର ପରିଦର୍ଶନ କରିଛନ୍ତି। ସେ ଛତିଶଗଡ଼ ଏବଂ ତେଲେଙ୍ଗାନା ସୀମାନ୍ତରେ ଥିବା କୁରାଗୁଟ୍ଟାଲୁ ହିଲ୍ସ (ଏମ୍ସ)ରେ ୨୧ ଦିନିଆ ନକ୍ସଲ ବିରୋଧୀ ଅଭିଯାନରେ ଆହତ ହୋଇଥିବା ଚାରି ଜଣ ସୁରକ୍ଷା କର୍ମୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ ଏବଂ ସେମାନଙ୍କ ମନୋବଳ ବୃଦ୍ଧି କରିଥିଲେ। ଏହି ସମୟରେ ଛତିଶଗଡ଼ର ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ମଧ୍ୟ ଉପସ୍ଥିତ ଥିଲେ।ଛତିଶଗଡ଼-ତେଲେଙ୍ଗାନା ସୀମାନ୍ତର କୁର୍ରାଗୁଟ୍ଟାଲୁ ପର୍ବତରେ ୨୧ ଦିନିଆ ନକ୍ସଲ ବିରୋଧୀ ଅଭିଯାନରେ ସୁରକ୍ଷା ବାହିନୀ ୩୧ ଜଣ ନକ୍ସଲଙ୍କୁ ହତ୍ୟା କରିଛନ୍ତି। ଏହା ବ୍ୟତୀତ ଏଠାରୁ ୨ ଟନ୍ ରୁ ଅଧିକ ବିସ୍ଫୋରକ ସାମଗ୍ରୀ, ୧୫୦ ରୁ ଅଧିକ ବଙ୍କର, ୯ ଟନ୍ ରୁ ଅଧିକ ରାସନ୍ ସାମଗ୍ରୀ, ୪୫୦ ରୁ ଅଧିକ ଆଇଇଡି, ଅସ୍ତ୍ରଶସ୍ତ୍ର ତିଆରି ସାମଗ୍ରୀ ଏବଂ ନକ୍ସଲବାଦୀ ସାହିତ୍ୟ ମଧ୍ୟ ଜବତ କରାଯାଇଛି। କୋରାଗୁଟାଲୁ ପାହାଡରେ ହୋଇଥିବା ଅପରେସନରେ କୋବ୍ରା ବ୍ୟାଟାଲିୟନ ଆସିଷ୍ଟାଂଟ କମାଣ୍ଡାଂର ସାଗର ଗଣେଶ ବୋରାଡେ, ଏଚସି ମୁନେଶ ଚାନ୍ଦ ଶର୍ମା, କନଷ୍ଟେବଲ କୃଷ୍ଣ କୁମାର ଗୁରୁଜାର ଏବଂ କନଷ୍ଟେବଲ ଧନୁ ରାମ ଆହତ ହୋଇଛନ୍ତି। ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ଆହତ ସୈନିକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ସେ କହିଥିଲେ ଯେ ସୈନିକଙ୍କ ବାହୁବଳର ଶକ୍ତି ସମସ୍ତେ ଦେଖୁଛନ୍ତି। ମୁଁ ସାହସୀ ସୈନିକମାନଙ୍କ ସାହସ ଏବଂ ସମର୍ପଣକୁ ସଲାମ କରୁଛି।



# ରିୟାସି ଓ କଠୁଆରେ ସନ୍ଦିଗ୍ଧ ଗତିବିଧି ଦେଖାଯିବା ପରେ ସୁରକ୍ଷାବଳ ପକ୍ଷରୁ ତଲାସୀ ଅଭିଯାନ ଆରମ୍ଭ

**ଜମ୍ମୁ,(ହି.ସ.):** ଜମ୍ମୁ ଡିଭିଜନ ଅନ୍ତର୍ଗତ ରିୟାସି ଜିଲ୍ଲାର ଏକ ବନାଚଂଳରେ ସନ୍ଦିଗ୍ଧ ଗତିବିଧି ନେଇ ସୂଚନା ମିଳିବା ପରେ ସମ୍ପୃକ୍ତ ଅଂଚଳରେ ତଲାସୀ ଅଭିଯାନ ଆରମ୍ଭ କରିଛି ସୁରକ୍ଷାବଳ । କଠୁଆ ଜିଲ୍ଲାରେ ଦ୍ୱିତୀୟ ଦିନରେ ମଧ୍ୟ ତଲାସୀ ଅଭିଯାନ ଜାରି ରଖିଛି ସୁରକ୍ଷା ବଳ। ଅଧିକାରୀ ମାନେ କହିଛନ୍ତି ଯେ, ବୁଧବାର ବିଳମ୍ବିତ ରାତିରେ ଜିଲ୍ଲାର ଭାଗା ଅଂଚଳରେ ଜଣେ ମହିଳା ଦୁଇ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିଥିଲେ । ଏବଂ ଏନେଇ ସୂଚନା ମିଳିବା ପରେ ସେଠାରେ ମିଳିତ ତଲାସୀ ଅଭିଯାନ ଆରମ୍ଭ କରାଯାଇଛି । ବିମାନ ସହାୟତା ସହିତ ସୁରକ୍ଷା ବଳର ଏକ ମିଳିତ ଟିମ୍ ଅଭିଯାନ ଚଳାଇଛି । ଅଧିକାରୀମାନେ ସମ୍ପୃକ୍ତ ଅଂଚଳର ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିଛନ୍ତି । ସେମାନେ କହିଛନ୍ତି ଯେ, ଘଘବାଲ ଏବଂ ଏହାର ଆଖପାଖ ଅଂଚଳରେ ପୋଲିସ ଏବଂ ଅର୍ଦ୍ଧସୈନିକ ବଳର ମିଳିତ ତଲାସୀ ଅଭିଯାନ ଚାଲିଛି । ଜଣେ ସ୍ଥାନୀୟ ମହିଳା ଏନେଇ ପୋଲିସକୁ ସୂଚନା ଦେଇଛନ୍ତି ଯେ, ସେନାର ପୋଷାକ ପିନ୍ଧିଥିବବା ଦୁଇ ଜଣ ବ୍ୟକ୍ତି ତାଙ୍କ ଘରକୁ ଆସି ପାଣି ମାଗିଥିଲେ ଏବଂ ଯିବା ପୂର୍ବରୁ କହିଥିଲେ ଯେ, ସେ ତାଙ୍କ ଶିବିରକୁ ଫେରୁଛନ୍ତି ।

# ଉପର ଲାନ୍ଥ ଓ ଲୋୟର ଇନ୍ଦ୍ରା ଜଳସେଚନ ପ୍ରକଳ୍ପର ସମୀକ୍ଷା ବୈଠକ

## ପକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଗୁରୁବାର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଉପର ଲାନ୍ଥ ଓ ଲୋୟର ଇନ୍ଦ୍ରା ଜଳସେଚନ ପ୍ରକଳ୍ପର ସମୀକ୍ଷା ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମଧ୍ୟ ଉପସ୍ଥିତ ଥିଲେ। ଉପର ଲାନ୍ଥ ଓ ଲୋୟର ଇନ୍ଦ୍ରା ପ୍ରକଳ୍ପରେ ଓଡିଶା କୃଷି ମାନଚିତ୍ରରେ ପରିବର୍ତ୍ତନ ଆଣିପାରିବା ଭଳି କ୍ଷମତା ରହିଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଫଳରେ ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାର ୨୯,୯୦୦ ହେକ୍ଟର ଚାଷ ଜମିକୁ ଜଳସେଚନର ସୁବିଧା ମିଳିବ। କେବଳ କୃଷି ନୁହେଁ ଆନୁଷଙ୍ଗିକ କୃଷିରେ ମଧ୍ୟ ଉନ୍ନତି ପରିଲକ୍ଷିତ ହେବ। ଫଳରେ ଅଞ୍ଚଳବାସୀ ନିଜ ଜମିରେ ବିଭିନ୍ନ ପ୍ରକାର ଫସଲ ଅମଳ କରି ଆତ୍ମନିର୍ଭର ହେବା ସଂଗେ ସଂଗେ ଆନୁଷଙ୍ଗିକ କୃଷିରୁ ମଧ୍ୟ ଆଶାନୁରୂପ ରୋଜଗାର କରିପାରିବେ। ଏହାସହିତ ଏହିସବୁ ଅଞ୍ଚଳରେ ଉପୁଜୁଥିବା ଦାଦନ ଶ୍ରମିକ ଭଳି ବିରାଟ ସମସ୍ୟାର ସମାଧାନ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜମି ଅଧିଗ୍ରହଣ, ଅନୁକମ୍ପା ରାଶି ପ୍ରଦାନ, କେନ୍ଦ୍ରୀୟ ମଞ୍ଜୁରୀ, ଜଙ୍ଗଲ ଓ ପରିବେଶ ମଞ୍ଜୁରୀ, ବିସ୍ଥାପିତ ପରିବାରଙ୍କୁ ଥଇଥାନ ଇତ୍ୟାଦି କାର୍ଯ୍ୟ ସମ୍ପାଦନ ସମୟରେ ବିଳମ୍ବ ହେଲେ ଉପମୁଖ୍ୟମନ୍ତ୍ରୀଙ୍କ ନଜରକୁ ଆଣିବା ଏବଂ ଆବଶ୍ୟକସ୍ଥଳେ ପ୍ରତ୍ୟକ୍ଷ ରୂପେ ନିଜେ ଜଡ଼ିତ ରହି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରକାଶ କରିଛନ୍ତି। ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରକଳ୍ପର ବିଭିନ୍ନ ଦିଗ ବିଷୟରେ ବିସ୍ତୃତ ଭାବରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଜଳସେଚନ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢୀ, ବୈଷୟିକ ଅଧିକାରୀ, ବରିଷ୍ଠ ଅଧିକାରୀ ଯୋଗଦେଇଥିବା ବେଳେ ଆଭାସି ମାଧ୍ୟମରେ ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲାପାଳ ଓ ବନଖଣ୍ଡ ଅଧିକାରୀ ଯୋଗଦେଇଥିଲେ।

# ଏଣିକି ଅଦିନିଆ ବର୍ଷା ହେବ ରାଜ୍ୟ ବିପର୍ଯ୍ୟୟ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଅଦିନିଆ ବର୍ଷାକୁ ରାଜ୍ୟ ସରକାର ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଗ୍ରହଣ କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି। ଏହାଦ୍ୱାରା ଓଡ଼ିଶାର କୃଷକମାନେ ଅଦିନିଆ ବର୍ଷାରେ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ସହାୟତା ପାଇ ପାରିବେ। ଏସ୍‌ଡିଆର୍‌ଏଫ୍‌ର ବାର୍ଷିକ ଆବଣ୍ଟନର ସର୍ବାଧିକ ୧୦ ପ୍ରତିଶତ ଅର୍ଥ ଏଥିପାଇଁ ବିନିଯୋଗ ହୋଇପାରିବ। ସୂଚନାଯୋଗ୍ୟ ଯେ, ୨୦୨୪ ଡିସେମ୍ବର ମାସରେ ଅଦିନିଆ ବର୍ଷା ଯୋଗୁଁ ରାଜ୍ୟର ୨୨, ୭୯୧ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିଲା ଏବଂ ପ୍ରାୟ ୬.୬୬ ଲକ୍ଷ ଚାଷୀ ପ୍ରଭାବିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଏହାକୁ ସ୍ୱତନ୍ତ୍ର ଭାବେ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଘୋଷଣା କରି ଚାଷୀମାନଙ୍କୁ ୨୯୧ କୋଟି ଟଙ୍କାର ସହାୟତା କୃଷି ଇନପୁଟ ରିହାତି ଆକାରରେ ପ୍ରଦାନ କରିଥିଲେ। ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଦ୍ୱାରା ଅଦିନିଆ ବର୍ଷା ସ୍ଥାୟୀ ଭାବେ ଏକ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଗୃହୀତ ହେଲା ଏବଂ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ଏଥିପାଇଁ କୃଷକମାନଙ୍କୁ ସହାୟତା ପ୍ରଦାନ କରାଯାଇପାରିବ। ସୂଚନାଯୋଗ୍ୟ ଯେ, ରାଜ୍ୟରେ ବର୍ତ୍ତମାନ ୮ଟି ବିପର୍ଯ୍ୟୟକୁ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଘୋଷଣା କରାଯାଇଛି। ଏ ଗୁଡ଼ିକ ହେଲା ବଜ୍ରପାତ, ଗ୍ରୀଷ୍ମ ପ୍ରବାହ, ଘୂର୍ଣ୍ଣିଝଡ଼, ଟର୍ନାଡୋ, ପ୍ରବଳ ବର୍ଷା ଏବଂ ବନ୍ୟା ନଥିବା ସମୟରେ ଡଙ୍ଗା ଦୁର୍ଘଟଣା, ପାଣିରେ ବୁଡ଼ି ମୃତ୍ୟୁ ହେବା ଓ ସର୍ପାଘାତ। ଅଦିନିଆ ବର୍ଷା ବିପର୍ଯ୍ୟୟ ଘୋଷିତ ହେବା ପରେ ବର୍ତ୍ତମାନ ସମୁଦାୟ ୯ଟି ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଘୋଷିତ ହେଲା। ଏହାବ୍ୟତୀତ କେନ୍ଦ୍ର ସରକାର ମଧ୍ୟ ୧୨ଟି ବିପର୍ଯ୍ୟୟ ଘୋଷଣା କରିଛନ୍ତି।

# ସଂଖ୍ୟାଲଘୁ ସଂପ୍ରଦାୟ କମିଟିରୁ ଇସ୍ତଫା ଦେଲେ ମୁନା ଖାନ୍!

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଇସ୍ତଫା ଦେଲେ ମୁନା ଖାନ୍! ସଂଖ୍ୟାଲଘୁ ସଂପ୍ରଦାୟ କମିଟିରୁ ମୁନା ଖାନ ଇସ୍ତଫା ଦେଇଥିବା ଚର୍ଚ୍ଚା ହେଉଛି। ବର୍ତ୍ତମାନ ନବୀନ ନିବାସରେ ପହଞ୍ଚିଛନ୍ତି ବିଜେଡି ଏମପି ମୁନା ଖାନ୍। ଗଣମାଧ୍ୟମ ରିପୋର୍ଟ ଅନୁସାରେ ସଂଖ୍ୟାଲଘୁ ସେଲର ସାଉଥ ଜୋନ ସଂଯୋଜକ ପଦରୁ ସେ ଇସ୍ତଫା ଦେଇଥିବା କୁହାଯାଉଛି। ଏଥିପାଇଁ ସେ ସକାଳୁ ସକାଳୁ ନବୀନ ନିବାସ ପହଞ୍ଚିଥିବା ଚର୍ଚ୍ଚା ହେଉଛି। ତେବେ ଗତ ୫ ତାରିଖରେ ସଂଖ୍ୟାଲଘୁ ସଂପ୍ରଦାୟ କମିଟି ଗଠନ ହୋଇଥିଲା। ଦିଲ୍ଲୀପ ତିର୍କୀଙ୍କୁ ସଂଖ୍ୟାଲଘୁ କମିଟିର ଆବାହକ ଦାୟିତ୍ୱ ଦିଆଯାଇଛି। ବିଜେଡିର ବରିଷ୍ଠ ନେତା ତଥା ରାଜ୍ୟ ସଭା ଏମପି ମୁନା ଖାନ ଅଳ୍ପସଂଖ୍ୟକ ସମ୍ପ୍ରଦାରୟ କମିଟିରୁ ଇସ୍ତଫା ଦେଇଛନ୍ତି। ଏହି ଖବର ରାଜ୍ୟ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଛି। ମୁନାଙ୍କ ଇସ୍ତଫା ପଛରେ ବିଭିନ୍ନ କାରଣ ଥାଇପାରେ ବୋଲି ଅନୁମାନ କରାଯାଉଛି, ଯଦିଓ ଏ ସମ୍ପର୍କରେ ସେ ସରକାରୀ ଭାବେ କୌଣସି ବିବୃତ୍ତି ଦେଇନାହାନ୍ତି। ମୁନା ଖାନ ଓଡ଼ିଶାରେ ଅଳ୍ପସଂଖ୍ୟକ ସମ୍ପ୍ରଦାୟର ଅଧିକାର ଓ କଲ୍ୟାଣ ପାଇଁ କାମ କରୁଥିବା ଜଣେ ପ୍ରମୁଖ ନେତା ଭାବେ ପରିଚିତ। ତାଙ୍କର ଏହି ନିଷ୍ପତ୍ତି ବିଜେଡି ଦଳ ତଥା ରାଜ୍ୟରେ ଅଳ୍ପସଂଖ୍ୟକ ସମ୍ପ୍ରଦାୟ ସହ ଜଡିତ ରାଜନୀତି ଉପରେ ପ୍ରଭାବ ପକାଇପାରେ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି। କିଛି ସୂତ୍ରରୁ ଜଣାପ ଯେ, ମୁନାଙ୍କ ଇସ୍ତଫା ଦଳ ଭିତରେ ଅନ୍ତଃକନ୍ଦଳ କିମ୍ବା ନୀତିଗତ ମତଭେଦ ଯୋଗୁଁ ହୋଇପାରେ। ଅନ୍ୟପକ୍ଷରେ, କେହି କେହି ଏହାକୁ ତାଙ୍କ ବ୍ୟକ୍ତିଗତ ନିଷ୍ପତ୍ତି ବୋଲି କହୁଛନ୍ତି। ବିଜେଡି ନେତୃତ୍ୱ ଏହି ଇସ୍ତଫା ପରେ କମିଟିରେ ନୂଆ ନେତୃତ୍ୱ ନିଯୁକ୍ତି ନେଇ ଆଲୋଚନା ଆରମ୍ଭ କରିଛନ୍ତି। ଏହାସହ, ତାଙ୍କ ପରବର୍ତ୍ତୀ ରାଜନୈତିକ ପଦକ୍ଷେପ କ'ଣ ହେବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଦଶମ ପରୀକ୍ଷାରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସଫଳତା

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଚଳିତ ବର୍ଷ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମ୍ୟାଟ୍ରିକ୍ ପରୀକ୍ଷାରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଜଗନ୍ନାଥ ନଗରର ଛାତ୍ରଛାତ୍ରୀମାନଙ୍କ ଉତ୍ତମ ପ୍ରଦର୍ଶନ ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛି। ସ୍କୁଲର ସୁଦୃଢ ଶୈକ୍ଷିକ ଭିତ୍ତିଭୂମି, ଶୃଙ୍ଖଳିତ ପରିବେଶ ଓ ସାମଗ୍ରିକ ଶିକ୍ଷା ପ୍ରତି ପ୍ରତିବଦ୍ଧତା ପୁନର୍ବାର ପ୍ରଦର୍ଶିତ ହୋଇଛି। ଦଶମ ପରୀକ୍ଷାରେ ବିଦ୍ୟାଳୟର ଶୁଭମ କୁମାର ଅଗ୍ରୱାଲ ୯୫.୬ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ନିରନ୍ତର ପ୍ରଚେଷ୍ଟା ଏବଂ ଶିକ୍ଷାନୁଷ୍ଠାନର ଉତ୍ସର୍ଗୀକୃତତା ଏହି ସଫଳତାର ମୂଳମନ୍ତ୍ର ଥିଲା। ବିଦ୍ୟାଳୟର ୫ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ସହ ଛାତ୍ରଛାତ୍ରୀମାନେ ଗଣିତ ଏବଂ ସଂସ୍କୃତରେ ୧୦୦ ପ୍ରତିଶତ ନମ୍ବର ହାସଲ କରିଛନ୍ତି। ସାମାଜିକ ବିଜ୍ଞାନରେ ୯୯, ଓଡିଆରେ ୯୭, ଆଇଟି ଏବଂ ବିଜ୍ଞାନରେ ୯୬, ଇଂରାଜୀରେ ୯୫ ଏବଂ ହିନ୍ଦୀରେ ସର୍ବୋଚ୍ଚ ୯୧ ନମ୍ବର ରଖି ଛାତ୍ରଛାତ୍ରୀମାନେ କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରଛାତ୍ରୀମାନଙ୍କର ଏହିପରି ସଫଳତା ସେମାନଙ୍କ ଶୈକ୍ଷିକ ମୂଳଦୁଆକୁ ସୁଦୃଢ କରିଥିବା ସହିତ ଶିକ୍ଷକମାନଙ୍କ ଗୁଣାତ୍ମକ ଶିକ୍ଷା ପ୍ରଦର୍ଶନକୁ ପ୍ରତିଫଳିକ କରୁଅଛି।

## ଏସ୍‌ଇବିସି ବର୍ଗର ସାମାଜିକ ଓ ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରିଛୁ : ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ବିଗତ ୨୪ବର୍ଷ ଶାସନକାଳ ମଧ୍ୟରେ ବିଗତ ସରକାର ସାମାଜିକ ଓ ଅର୍ଥନୈତିକ ଭାବରେ ପଛୁଆ ବର୍ଗକୁ (ଏସ୍‌ଇବିସି ବର୍ଗକୁ) ସାମ୍ବିଧାନିକ ଅଧିକାର ପ୍ରଦାନ କରିବାରେ ବିଫଳ ହୋଇଥିଲେ। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏକ ଐତିହାସିକ ନିଷ୍ପତ୍ତି ନିଆଯାଇଛି। ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଏସ୍‌ଇବିସି ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ନିମନ୍ତେ ନିଷ୍ପତ୍ତି ହୋଇଛି। ଚଳିତ ଶିକ୍ଷାବର୍ଷ-୨୦୨୫-୨୬ରୁ ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କରେ ଏସ୍‌ଇବିସି ବର୍ଗର ଛାତ୍ରଛାତ୍ରୀମାନଙ୍କର ନାମଲେଖା ପାଇଁ ୧୧.୨୫% ଆସନ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବ। ଏହି ସଂରକ୍ଷଣ ବ୍ୟବସ୍ଥା ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସ୍ନାତକ, ସ୍ନାତକୋତ୍ତର, ଶିକ୍ଷକଶିକ୍ଷା ଓ ଆଇନ ପାଠ୍ୟକ୍ରମ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଉଚ୍ଚ ମାଧ୍ୟମିକ (+୨) ପାଠ୍ୟକ୍ରମ, ଶିକ୍ଷକଶିକ୍ଷା ଓ ବୃତ୍ତି ଭିତ୍ତିକ ପାଠ୍ୟକ୍ରମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ସ୍ନାତକ (ପ୍ରଦର୍ଶନକଳା) ପାଠ୍ୟକ୍ରମ ଏବଂ କ୍ରୀଡା ଓ ଯୁବସେବା ବିଭାଗର ବିପିଏଡ୍/ଏମପିଏଡ୍ ପାଠ୍ୟକ୍ରମରେ ଲାଗୁ କରାଯିବ। କ୍ୟାବିନେଟର ସମସ୍ତ ସଦସ୍ୟମାନେ ବୁଧବାର ଏହି ନିଷ୍ପତ୍ତିରେ ମୋହର ଲଗାଇ ଏସ୍‌ଇବିସି ବର୍ଗର ସାମାଜିକ ଓ ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରିଛନ୍ତି। ଆମ ସରକାର ଆସିବାର ୧ ବର୍ଷ ସମୟ ମଧ୍ୟରେ ଏହି ଐତିହାସିକ ନିଷ୍ପତ୍ତି ମାଧ୍ୟମରେ ପଛୁଆ ବର୍ଗର ସାମାଜିକ ଓ ଶୈକ୍ଷିକ ଅନ୍ତର୍ଭୁକ୍ତୀକରଣକୁ ପ୍ରାଧାନ୍ୟ ଦେଇଛନ୍ତି। ଏଥିସହ ଓଡ଼ିଶାରେ ବିକାଶର ଧାରାକୁ ଆଉ ପାଦେ ଆଗେଇ ନେଇଛନ୍ତି। ଆର୍ଥିକ ଓ ସାମାଜିକ ଭାବେ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଥିବାରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଉଛି, ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

# ମାନକୀକରଣ ଏବଂ ଦ୍ରବ୍ୟ ଓ ସେବା କ୍ଷେତ୍ରରେ ଗୁଣାତ୍ମକତା ସଂପର୍କିତ ରାଜ୍ୟସ୍ତରୀୟ କମିଟି ବୈଠକ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଭାରତୀୟ ମାନକ ବ୍ୟୁରୋ (ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍) ଏବଂ ଓଡିଶା ସରକାରଙ୍କ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ମିଳିତ ଆନୁକୂଲ୍ୟରେ ମାନକୀକରଣ ଏବଂ ଦ୍ରବ୍ୟ ଓ ସେବା କ୍ଷେତ୍ରରେ ଗୁଣାତ୍ମକତା ସଂପର୍କରେ ଦ୍ୱିତୀୟ ରାଜ୍ୟସ୍ତରୀୟ ବୈଠକ ବୁଧବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ, ଏ କ୍ଷେତ୍ରରେ ଉଭୟ ଭାରତୀୟମାନକ ବ୍ୟୁରୋ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସହଯୋଗକୁ ସହଜ କରିବାରେ ସାହାଯ୍ୟ କରିବ। ଜନସାଧାରଣ ଏବଂ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଉତ୍ପାଦ, ସେବାର ମାନକୀକରଣ ଏବଂ ଗୁଣବତ୍ତା ସଚେତନତା ସଂପର୍କରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସଭାରେ ଶିଳ୍ପ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ପୂର୍ବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ସୂଚନା ଓ ଲୋକ ସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍ (ବିଆଇଏସ), ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ସମେତ ରାଜ୍ୟ ସରକାରଙ୍କ ଅନ୍ୟ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଏବଂ ଔଦ୍ୟୋଗିକ ସଂଘରୁ କର୍ତ୍ତୃପକ୍ଷମାନେ ଅଂଶଗ୍ରହଣ କରିଥିଲେ। ଭାରତୀୟମାନକୁ କାର୍ଯ୍ୟକାରୀ କରି ରାଜ୍ୟରେ ଏକ ସୁସ୍ଥ ଗୁଣବତ୍ତା ଇକୋସିଷ୍ଟମ୍ ବିକାଶକୁ ସମର୍ଥନ କରିବା ଉପରେ ଏହି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

# ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସେବିକାମାନେ ଜଣେ ଜଣେ ରତ୍ନ: ପ୍ରଫେସର ରାୟ

ଭୁବନେଶ୍ୱର, ୧୫ ମେ (ହି.ସ.)ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନର୍ସମାନେ ନେଉଛନ୍ତି ଜଣେ ଜଣେ ରତ୍ନ। ସେବିକାବୃତି ଉଭୟ ଅର୍ଥନୈତିକ ଏବଂ ମାନସିକ ସ୍ତରରେ ବିକଶିତ ହେଉଥିବା ଖୁବ୍ ଆନନ୍ଦର ବିଷୟ ବୋଲି କହିଛନ୍ତି କଟକ ସ୍ଥିତ ନ୍ୟାସ୍‌ନାଲ୍ ଲ ୟୁନିଭର୍ସିଟି ଓଡ଼ିଶାର ଆଡଜଂଟ ପ୍ରଫେସର (ଡକ୍ଟର) ରୀତା ରାୟ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜ ପକ୍ଷରୁ ସୋମବାର ଆୟୋଜିତ ଆନ୍ତର୍ଜାତିକ ନର୍ସେସ ଡେ ୨୦୨୫ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଫେସର ରାୟ କହିଛନ୍ତି ଯେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନର୍ସମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ସେମାନଙ୍କୁ ସମ୍ମାନିତ କରିବା ଲକ୍ଷ୍ୟ ନେଇ ଆୟୋଜିତ ଏଭଳି କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ। କାର୍ଯ୍ୟକ୍ରମରେ ବୃତିଗତ ଅତିଥି ଭାବେ ସୋମି ଓଡ଼ିଶା ଶାଖାର ସମ୍ପାଦିକା ପ୍ରଫେସର ଅମ୍ରିତା ଲେଙ୍କା ଯୋଗ ଦେଇ କହିଥିଲେ ନର୍ସିଂ ଏକ ମହାନ ବୃତି କାରଣ ରୋଗୀ ସେବା ଦ୍ୱାରା ସେମାନେ ଅନେକ ଭଲ ପାଇବା ଓ ଆଶୀର୍ବାଦ ପାଇଥାନ୍ତି। କାର୍ଯ୍ୟକ୍ରମରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି ମୀନତି ମିଶ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଉତ୍ସର୍ଗୀକୃତ କାର୍ଯ୍ୟ ଦ୍ୱାରା ନର୍ସମାନେ ଦେଶର ଅର୍ଥନୀତିକୁ ସୁଦୃଢ଼ କରିଥାନ୍ତି ବୋଲି କହିଥିଲେ।

# ହାଓଡ଼ା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ୍ ୨୦ଟି କୋଚ୍ ସହିତ ଚଳାଚଳ କରିବ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ମଧ୍ୟରେ ବର୍ଦ୍ଧିତ ଚାହିଦା ଏବଂ ନିରନ୍ତର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଚଳିତ ମଇ ମାସ ୧୬ ତାରିଖ ଠାରୁ ୨୨୮୯୫/୨୨୮୯୬ ପୁରୀ-ହାଓଡ଼ା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନରେ ଚାରିଟି ଅତିରିକ୍ତ ଏସି ଚେୟାର କାର୍ କୋଚ୍ ସଂଯୋଗ କରାଯାଇ ୨୦ଟି କୋଚ୍ ସହିତ ଚଳାଚଳ କରାଇବାକୁ ନିଷ୍ପତ୍ତି ନିଆଯାଇଛି। ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍‌ରେ ଅତିରିକ୍ତ କୋଚ୍ ସଂଯୋଗ ଦ୍ୱାରା ଏହାର ଗଠନରେ ବୃଦ୍ଧି ପରେ ଏହାର ରେକ୍ କମ୍ପୋଜିସନରେ ୧୬ଟି ଏସି ଚେୟାର କାର୍ କୋଚ୍, ୨ଟି ଏକଜିକ୍ୟୁଟିଭ୍ ଚେୟାର କାର୍ କୋଚ୍ ଏବଂ ୨ଟି କ୍ରିୟୁ ଏବଂ ଏସି ଚେୟାର କାର୍ କୋଚ୍ ଉପଲବ୍ଧ ରହିବ। ପୁରୀ ଓ ହାଓଡ଼ା ମଧ୍ୟରେ ଚଳାଚଳ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ସେମି-ହାଇ-ସ୍ପିଡ୍ ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହାର ଗଠନରେ ଚାରୋଟି ଏସି ଚେୟାର କାର୍ କୋଚ୍ ଯୋଡାଯିବାର ଲକ୍ଷ୍ୟ ଅଟେ। ଯାତ୍ରୀଙ୍କ ଚାହିଦା ଏବଂ ଟ୍ରେନ ଯାତ୍ରା ପରିଚାଳନାର ପୁଙ୍ଖାନୁପୁଙ୍ଖ ସମୀକ୍ଷା ପରେ ଏହି ନିଷ୍ପତ୍ତି ନିଆଯାଇଛି। ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍ ଉଭୟ ଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ପାଇଁ ସବୁଠାରୁ ଅଧିକ ପସନ୍ଦିତ ଟ୍ରେନମାନଙ୍କ ମଧ୍ୟରୁ ଗୋଟିଏ। ଏହି ବର୍ଦ୍ଧିତ କୋଚ କ୍ଷମତା ଯାତ୍ରା ସୁବିଧାରେ ଉନ୍ନତି ଆଣିବ ଯାହା ଦ୍ୱାରା ପ୍ରତୀକ୍ଷା ତାଲିକା ହ୍ରାସ ପାଇବା ସହ ଏହି ପ୍ରିମିୟମ୍ ଟ୍ରେନ୍ ସେବାକୁ ଆହୁରି ଲୋକପ୍ରିୟ କରିବ ବୋଲି ଆଶା କରାଯାଉଛି।

# ଆର୍ଥିକ ସାକ୍ଷରତା ବୃଦ୍ଧି ପାଇଁ ଏନଏସଇ ଓ ଓଡିଶା ସରକାରଙ୍କ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ନିବେଶକ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଆର୍ଥିକ ସାକ୍ଷରତା ବୃଦ୍ଧି କରିବା ଏବଂ ଭାରତର ଯୁବପିଢିଙ୍କ ପାଇଁ ଷ୍ଟୁଡେଂଟ ସ୍କିଲିଙ୍ଗ ପ୍ରୋଗ୍ରାମଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ) ଓ ଓଡିଶା ସରକାରଙ୍କ ମଧ୍ୟରେ ଏକ ଏମଓୟୁ ସ୍ୱାକ୍ଷର ହୋଇଛି। ଭୁବନେଶ୍ୱରରେ ଓଡିଶାର ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଉପସ୍ଥିତିରେ ଏନଏସଇର ମୁଖ୍ୟ ବାଣିଜ୍ୟ ବିକାଶ ଅଧିକାରୀ ଶ୍ରୀରାମ କ୍ରିଷ୍ଣନ ଏବଂ ଓଡିଶା ସରକାରଙ୍କ ସ୍ୱତନ୍ତ୍ର ସଚିବ ପ୍ରଶାନ୍ତ କିଶୋର ମହାପାତ୍ରଙ୍କ ମଧ୍ୟରେ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଏମଓୟୁର ଅଂଶ ଭାବେ ଆର୍ଥିକ ସାକ୍ଷରତା ଓ ନିବେଶକଙ୍କ ମଧ୍ୟରେ ସଚେତନତା ବିସ୍ତାର କରିବା ପାଇଁ ଏନ୍‌ଏସଇ, ଓଡିଶା ସରକାରଙ୍କ ସହଯୋଗରେ ସେମିନାର, କ୍ୟାମ୍ପ, ସୂଚନା ଅଧିବେଶନ, ରୋଡଶୋ' ଓ କର୍ମଶାଳାଗୁଡିକ ମାଧ୍ୟମରେ ସଚେତନତା ଅଭିଯାନ ପରିଚାଳନା କରିବ। ଓଡିଶା ଏହାର ଆର୍ଥିକ ଇକୋସିଷ୍ଟମ ବିସ୍ତାର କରୁଥିବାରୁ ଛାତ୍ରଛାତ୍ରୀ, ନିବେଶକ ଓ କର୍ପୋରେଟଗୁଡିକୁ ସଶକ୍ତ କରିବା ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ଏହି ଏମଓୟୁ ଏନଏସଇର ଷ୍ଟୁଡେଂଟ ସ୍କିଲିଂ ପ୍ରୋଗ୍ରାମ ମାଧ୍ୟମରେ ଜରୁରୀ ଦକ୍ଷତା ସହ ଯୁବପିଢିଙ୍କୁ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦେଉଛି। ଏନଏସଇର ଏହି ପ୍ରୋଗ୍ରାମ ମାନବ ପୁଞ୍ଜିକୁ ଉନ୍ମୋଚନ କରିବା ଏବଂ ବିଏଫଏସଆଇ ସେକ୍ଟରରେ ଉଭୟ ନିଯୁକ୍ତି କ୍ଷମତା ଓ ଆତ୍ମନିଯୁକ୍ତିକୁ ସକ୍ଷମ କରିବା ନେଇ ଭାରତ ସରକାରଙ୍କ ଲକ୍ଷ୍ୟ ସହ ଜଡିତ ରହିଛି। ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହେବା ଅବସରରେ ଓଡିଶାର ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି, ଓଡିଶା ସରକାର ଆମ ଅଂଚଳରେ ଆର୍ଥିକ ସାକ୍ଷରତା, ନିବେଶକ ସଚେତନତା ଓ ଛାତ୍ରଛାତ୍ରୀଙ୍କ ଦକ୍ଷତାକୁ ଆଗକୁ ପରିଚାଳନା କରିବା ପାଇଁ ଏନଏସଇ ସହ ସହଭାଗିତା କରି ଗର୍ବିତ। ଏହା କେବଳ ଆର୍ଥିକ ସୂଚନା ବିସ୍ତାର କରିବା ସମ୍ପର୍କିତ ନୁହେଁ ବରଂ ଏହା ଆର୍ଥିକ କ୍ଷେତ୍ରରେ ଆବଶ୍ୟକତା ସୂଚନା ଓ ଦକ୍ଷତା ସହ ଆମର ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବା ସହ ଜଡିତ ଅଟେ। ମିଳିତ ଭାବେ ଆମେ ଏକ ମଜବୁତ ଆର୍ଥିକ ଇକୋସିଷ୍ଟମ ସୃଷ୍ଟି କରୁଛୁ ଯାହା ଓଡିଶାରେ ସ୍ଥାୟୀ ବିକାଶ ପାଇଁ ବାଟ ଫିଟାଇବ। ସେହିପରି ଏନଏସଇର ମୁଖ୍ୟ ବାଣିଜ୍ୟ ବିକାଶ ଅଧିକାରୀ ଶ୍ରୀରାମ କ୍ରିଷ୍ଣନ କହିଛନ୍ତି, ଓଡିଶାର ସରକାରଙ୍କ ସହ ଆମର ସହଭାଗିତା ଆର୍ଥିକ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ଓ ନିବେଶକଙ୍କୁ ସଶକ୍ତ କରିବା ପ୍ରତି ଆମର ମିଳିତ ଉଦ୍ଦେଶ୍ୟକୁ ହାଇଲାଇଟ କରୁଛି। ନିବେଶକ ସଚେତନତା କାର୍ଯ୍ୟକ୍ରମ ଓ ଷ୍ଟୁଡେଂଟ ସ୍କିଲିଂ ପ୍ରୋଗ୍ରାମ ଭଳି ପଦକ୍ଷେପ ମାଧ୍ୟମରେ ଆମେ ଉଭୟ ଅଭିଜ୍ଞ ଓ ନୂଆ ନିବେଶକଙ୍କ ପାଇଁ ଏକ ସୂଚିତ ସମୁଦାୟ ଗଠନ କରୁଛୁ। ଆମେ ଓଡିଶାର ଯୁବପିଢିଙ୍କୁ ଆଜିର ବିକଶିତ ଆର୍ଥିକ କ୍ଷେତ୍ରରେ ସଫଳ ହେବା ପାଇଁ ଆବଶ୍ୟକ ଜରୁରୀ ଦକ୍ଷତା ସହ ସୁସଜ୍ଜିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ।




# କର୍ଣ୍ଣ-ନାସା-ଗଳା ଅସ୍ତ୍ରୋପଚାର ଓ ଦ୍ରୁତ ଆରୋଗ୍ୟ ପାଇଁ କିମସରେ ଲାଗିଲା ଅତ୍ୟାଧୁନିକ ମେସିନ୍

ଭୁବନେଶ୍ୱର, (ଡିକେ ନ୍ୟୁଜ୍): କର୍ଣ୍ଣ-ନାସା-ଗଳା ଓ କର୍କଟ ରୋଗର ଉନ୍ନତ ଅସ୍ତ୍ରୋପଚାର ପାଇଁ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ (କିମ୍‌ସ)ରେ ଏକ ଅତ୍ୟାଧୁନିକ ସିଓଟୁ (ସିଓ୨) ମେସିନ୍ ଉଦ୍‌ଘାଟିତ ହୋଇଯାଇଛି। କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ମେସିନ୍‌କୁ ଉଦ୍‌ଘାଟନ କରି କହିଛନ୍ତି । ଏହା କର୍ଣ୍ଣ-ନାସା-ଗଳା ଓ କର୍କଟ ରୋଗର ଉନ୍ନତ ଅସ୍ତ୍ରୋପଚାର କ୍ଷେତ୍ରରେ ଏହା ଏକ ମାଇଲ୍ ଖୁଣ୍ଟ ହେବ। ଏହା ଦ୍ୱାରା ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ଲୋକମାନେ ଅତ୍ୟାଧୁନିକ ଚିକିତ୍ସା ପାଇପାରିବେ। ଏହି ଅବସରରେ କିମ୍‌ସ କର୍ଣ୍ଣ-ନାସା-ଗଳା ବିଭାଗର ମୁଖ୍ୟ ଡା. କବିକାନ୍ତ ସାମନ୍ତରାୟ ସିଓ୨ ଲେଜର ମେସିନ୍‌ର ବିଭିନ୍ନ ଉପଯୋଗିତା ଉପରେ ଆଲୋକପାତ କରିଥିଲେ। କର୍କଟ ଓ କର୍ଣ୍ଣ-ନାସା-ଗଳା ରୋଗୀଙ୍କ ଅସ୍ତ୍ରୋପଚାର କ୍ଷେତ୍ରରେ ଏହା ହେଉଛି ସର୍ବାଧୁନିକ ମେସିନ୍ ବୋଲି ସେ ଦାବି କରିଛନ୍ତି। ଏହା ଦ୍ୱାରା ବିନା ରକ୍ତକ୍ଷୟରେ ଅସ୍ତ୍ରୋପଚାର ହେଉଥିବା ଯୋଗୁଁ ରୋଗୀ ଦ୍ରୁତ ଆରୋଗ୍ୟ ଲାଭ କରିଥାଏ। ଏହି ମେସିନ୍ ଦ୍ୱାରା ସ୍ୱରଯନ୍ତ୍ର ଅସ୍ତ୍ରୋପଚାର ଭଳି ସମସ୍ତ ପ୍ରକାର ସୂକ୍ଷ୍ମ ଓ ଜଟିଳ ଅସ୍ତ୍ରୋପଚାର ସମ୍ଭବ ହୋଇପାରିବ। ଏହି ଅସ୍ତ୍ରୋପଚାର ପାଇଁ ପୂର୍ବରୁ ରୋଗୀମାନେ ମୁମ୍ବାଇ କିମ୍ବା ଦିଲ୍ଲୀକୁ ଯାଉଥିଲେ। ଏଥିପାଇଁ ସେମାନଙ୍କୁ ଆର୍ଥିକ ବୋଝ ପଡୁଥିଲା। କିମ୍‌ସରେ ଏହି ସୁବିଧା ଉପଲବ୍ଧ ହେବା ପରେ ଏଣିକି ରୋଗୀଙ୍କୁ ସୁଲଭ ଦରରେ ଏହି ସୁବିଧା ମିଳିପାରିବ। କିମ୍‌ସରେ ଲେଜର-ଆଧାରିତ ଏହି ଚିକିତ୍ସା ୨୪ଘଣ୍ଟିଆ ଉପଲବ୍ଧ ହେବ। ସମ୍ପ୍ରତି ଲେଜର ଅସ୍ତ୍ରୋପଚାର ଚାହିଦା ରୋଗୀଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ବେଳେ କିମ୍‌ସରେ ଏହି ସୁବିଧା ସହିତ, ଠିକ୍ ଏବଂ ସର୍ବନିମ୍ନ କ୍ଷତରେ ଚିକିତ୍ସା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଡା. ସାମନ୍ତରାୟ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିମ୍‌ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ପ୍ରଫେସର ଆରସି ଦାସ, କିମ୍‌ସ ମେଡିକାଲ ଅଧିକ୍ଷକ ଡା ମାନସ ରଞ୍ଜନ ବେହେରା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



## ସଂପାଦକୀୟ

# ସମୟ ବନ୍ଧୁ ଓ ଶତୃର ସ୍ତର ଦର୍ଶାଏ

ପଞ୍ଚ ପାଣ୍ଡବ ଓ ଏକଶତ କୌରବ ଏକ ରାଜବାଟୀରେ ଜନ୍ମ ଏ ମାନାଙ୍କର ବାଲ୍ୟ ଓ ଶିକ୍ଷାକାଳରେ ସମମେଳ ଥିଲା କିନ୍ତୁ ସମୟ ଏମିତି ଆସିଲା ଉଭୟ ଉଭୟଙ୍କ ଇତି ଚିନ୍ତା କରି ରକ୍ତପାତର ମହାଭାରତ ଯୁଦ୍ଧ ରଚନା କରିଥିଲେ। ଦଶରଥଙ୍କ ଘରେ ବହୁ ଦିନ ପରେ ତିନି ରାଣୀଙ୍କର ସନ୍ତାନ ଜନ୍ମ ନେଲେ ଏପାଇଁ ବହୁ ଦୈବୀ ଆଶ୍ରିତ ବ୍ରତ ଉପବାସ ପରେ ପୁତ୍ରେଷ୍ଟି ଯଜ୍ଞରୁ ଚାରି ସନ୍ତାନ ପାଖାପାଖି ଜନ୍ମ ସବୁ ମାଆ ସବୁ ପିଲାଙ୍କୁ ସ୍ନେହ କରୁଥିଲେ। ଜ୍ୟେଷ୍ଠ କୁମାର ଶ୍ରୀରାମଙ୍କୁ ସବୁ ମାଆ ଭଲ ପାଇବା ମୂଳରୁ ଥିଲା। ସବୁ ଭାଇମାନେ ଅଭିନ୍ନ ଆତ୍ମା ପରି ଏକାଠି ଖେଳକୁଦ ପାଠପଢ଼ା ଭୋଜନ ଶୟନ ଆଦିରେ ଲିପ୍ତ ଭାରତଙ୍କ ମାଆ କୈକେୟୀ କୌଶଲ୍ୟା ନନ୍ଦନ ଶ୍ରୀରାମଙ୍କୁ ତାଙ୍କ ପୁଅ ସହିତ ସମତୁଲର ଭଲ ପାଉଥିଲେ। ଶ୍ରୀରାମ କୈକେୟୀଙ୍କୁ ବିମାତା କେବେ ଭାବି ନାହାଁନ୍ତି କିନ୍ତୁ ଏମିତି ସମୟ ଆସିଲା ଶ୍ରୀରାମଙ୍କ ରାଜ୍ୟାଭିଷେକରେ କୈକେୟୀ ଖଳ ମସ୍ତିଷ୍କରେ ବିଦ୍ରୋହୀ ହେଲେ ତାଙ୍କ ପୁଅକୁ ରାଜା କରିବା ଅଭିପ୍ରାୟରେ କାମାତୁର। ଦଶରଥ କରିଥିବା ଗୁପ୍ତ ଚୁକ୍ତିକୁ ଉପସ୍ଥାପିତ କରି ଶ୍ରୀରାମଙ୍କୁ ବଣକୁ ପଠାଇଲେ। ଥିଲା କଣ ହେଲା କ'ଣ ?

ସ୍ୱାର୍ଥ ବ୍ୟକ୍ତିକୁ ଅନ୍ଧ କରିଦିଏ, ମାତ୍ର ସମୟ ଏପରି ଆସେ ବନ୍ଧୁ ଚିରନ୍ତନ ରହିନପାରେ କି ଶତୃତା କେବେ ନଥାଇ ହଠାତ୍ ଆସିଥାଏ। ଚାକିରୀ ଜୀବନରେ ଦରମା ପାଇଁ କି ଖୁସିରେ ସମୟ ନକଟେ। ସେତେବେଳେ ଯୁବକାଳ ପ୍ରୌଢ଼କାଳ ଚାଲୁଥାଏ ମାତ୍ର ବାର୍ଦ୍ଧକ୍ୟ ଆସିବାର ପ୍ରାକ କାଳରେ ଚାକରୀ ଯାଏ ଲୋକର ପରାଶ୍ରୟ ସମୟକୁ ନିଜର ରୋଜଗାର ବନ୍ଦ କିଛି ସନ୍ତାନ ଗଚ୍ଛିତ ଧନ ବା ପେନସନ ମାତ୍ର ଏହା ବି ସମସ୍ତଙ୍କର ନଥାଏ। ଶ୍ରମଜୀବୀର ଶରୀର ଅବଶ, ବାଣିଜ୍ୟକାରୀର ଅଙ୍ଗ ଶୈଥିଳ ଯୋଗୁ ଧାଁ ଧଉଡ଼ ବୋଝ ବୋହିବା ଶକ୍ତି ଦୁର୍ବଳ ପର ଉପରେ ଭରସା ଅର୍ଥବେଳେ ଅନେକଙ୍କୁ ପୋଷା ଯାଇଥାଏ, ଅର୍ଥ ନଥିଲେ ବେଳେ ସ୍ୱାର୍ଥ ପୂରଣ ହେଉ ନାହିଁ ବୋଲି ଅନେକ ଦୂରେଇ ରହନ୍ତି। ବାପା ମୋର ଭାଇ ମୋର ସାଙ୍ଗ ମୋର ଅର୍ଥ ନଥିଲେ ଏକ ଅଣଦେଖା ସ୍ତର ଆସିଯାଏ। ଚାକିରୀ, ବଡ଼ ପଦବୀଧାରୀଙ୍କୁ କେତେ ଆଜ୍ଞା ଆପଣ ପ୍ରଣାମ ନମସ୍କାର କେତେ ପିଅନ କ୍ଲର୍କ ପିଏ ତାପରେ ଜୀବନରେ ଏକ କୋଣ ସମୟ ଏକୁଟିଆ ବଅାଁରା। ଏସବୁ ବ୍ୟକ୍ତିର ପୂର୍ବ ପର ସମୟର ଘଟଣା। ସମସ୍ତେ ସ୍ୱାର୍ଥ ଖୋଜନ୍ତି କୃତ୍ରିମ ବନ୍ଧୁତାରେ ଆବଦ୍ଧ ରୁହନ୍ତି। ସ୍ୱାର୍ଥ ସିଦ୍ଧି ପାଇଁ ଅନେକ ଉପହାର ଉପଢ଼ୌକନ ଅଧିକାରୀ କର୍ତ୍ତାଙ୍କୁ ଭେଟି ଦିଅନ୍ତି। ପଦବୀରେ ଥିଲେ କୌଣସି ଆଦେଶ କର୍ତ୍ତା ହୋଇଥିଲେ ଏଇଟା ଆଖି ଦୃଶିଆ ଧନର ରୂପାନ୍ତର ଦ୍ରବ୍ୟ। ସଭାକୁ ଗଲେ ଜୟ ଜୟକାର ଉତ୍ତମ ଆସନ ଉଚ୍ଚ ଆସନ ମାତ୍ର ପଦବୀ ଚାଲିଗଲେ ସେହି ଲୋକ ଥିଲେ ବି ଆଡ଼ ମୁଖ ହୋଇଯାଆନ୍ତି। ସବୁ ସମୟର କରାମତି।

ଜୀବନରେ ବିବାହ ଏକ ଆନନ୍ଦ ଉତ୍ସବ ପର୍ବ। ହେଲେ ବିବାହ ସ୍ଥିତି ପୂର୍ବ ପରି ଲୋକେ ଆଉ ମନେ ରଖୁନାହାଁନ୍ତି। ବିବାହର କିଛି ଦିନ ପରେ ସ୍ୱାମୀ ସ୍ତ୍ରୀଙ୍କର ମଧ୍ୟରେ ଛେଦଭେଦ ପୂର୍ବସ୍ଥିତି ସଂକଳ୍ପ ରହୁନାହିଁ। ପୂର୍ବରେ ସ୍ୱାମୀ ସ୍ତ୍ରୀ ସଂକଳ୍ପ ସାରା ଜୀବନ ରହିବାବେଳେ ଏବେ ବହୁତିକ୍ତରେ ଆସୁଛି। ମିଥ୍ୟା ଆଶ୍ରୟ ନ ଦେଲେ ଛାଡ଼ପତ୍ର ହୋଇପାରୁ ନାହିଁ। ସ୍ୱାମୀ ସ୍ତ୍ରୀ ମଧ୍ୟରେ ଗୁପ୍ତକଥା ବୃଥା କଥାରେ ପରସ୍ପର ଆରୋପ ମିଥ୍ୟା କଥାରେ ଛିଣ୍ଡକାଟ କରାଉଛି। ଏପରି ସମୟରେ ଅନେକ କ୍ଷେତ୍ର ଜଡ଼ିତ। ପୂର୍ବ ଶସ୍ୟ ରହିଛି ହେଲେ ପୂର୍ବ ଖାଦ୍ୟ ଧାରା ବଦଳିଛି। କିନ୍ତୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ବଦଳି ନାହିଁ କି ତାର ପ୍ରସ୍ତୁତ ମାର୍ଗ ଅବଦଳ ରହିଛି। ସମୟ ଠାକୁରଙ୍କ ପାଖରେ ହାର ମାନୁଛି ଓ ମନୁଷ୍ୟ ସମୟ ପାଖରେ ହାର ମାନୁଛି।

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**
**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩**

## ଆପଣଙ୍କ ମତାମତ

**ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।**

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

# ଆମ ମାନସିକ ଚେତନାରେ ଶ୍ରୀମନ୍ଦିରର ବାଇଶି ପାହାଚ



ଡାକ୍ତର ସମ୍ରାଟ କର

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିରେ ଶ୍ରୀମନ୍ଦିରର ବାଇଶି ପାହାଚରେ ଭରି ରହିଛି ଅନେକ ଦିବ୍ୟମହତ୍ୱ ଯାହା ଆମ ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ଭାବ ନଟେଇରେ ତେଲ ଲୁଣର ଟଣାଟଣି ଅଭାବୀ ସଂସାରକୁ ନେଇ ଯେତେବେଳେ ଜଣେ ହା ହୁତାଶ ହୋଇପଡ଼େ ସେ ଖୋଜିଥାଏ ମହାପ୍ରଭୁଙ୍କ କରୁଣା ବାରିଟିକିଏ ଆଉ ସେଇଥିପାଇଁ ଛୁଟି ଯାଏ ଶ୍ରୀକ୍ଷେତ୍ର ପୁରୀ। ଅନେକଙ୍କ ଭିତରେ ଏହି ଆତ୍ମ ପ୍ରତ୍ୟୟ ସୃଷ୍ଟି ହୋଇଥାଏ ଯେ ବାଇଶି ପାହାଚ ଅତିକ୍ରମ କରିବା ସହ ଭଗବାନ ଭକ୍ତଜନଙ୍କ ବାଇଶିଟି ଦୁଃଖକୁ ଯେପରି ଲାଘବ କରିଦିଅନ୍ତି। କେବଳ ମହାପ୍ରଭୁଙ୍କୁ ଦର୍ଶନ ନିମିତ୍ତ ଏହି ବାଇଶି ପାହାଚଟି ଗନ୍ତବ୍ୟର ବାଧବାଧକତା ତାହା ନୁହେଁ ବରଂ ଏହି ବାଇଶି ପାହାଚରେ ଟିକିଏ ବସିପଡ଼ିଲେ ଦେହ ଓ ମନ ଭିତରେ ଭରିଯାଏ ଅଫୁରନ୍ତ ଧୈର୍ଯ୍ୟ ଓ ଆନନ୍ଦର ଫଲଗୁ।

ବାଇଶି ପାହାଚର ନାମକରଣକୁ ନେଇ ଅନେକ ପ୍ରସଙ୍ଗ, ଆଲେଖ୍ୟ ଓ କଥନିକା ପୁରାଣ ଓ ପୁସ୍ତକରେ ଲିପିବଦ୍ଧ ରହିଛି। କେହି କେହି ଏହାକୁ ଭୂଃ, ଭୁବଃ, ସ୍ୱଃ, ମହ, ଜନ, ତପଃ ଓ ସତ୍ୟ ଏହି ସପ୍ତଲୋକ ଅତଳ, ସୁତଳ, ବିତଳ, ତଳାତଳ, ମହୀତଳ, ରସାତଳ ଓ ପାତାଳ ସପ୍ତତଳ ଓ କୈବଲ୍ୟ ବୈକୁଣ୍ଠ ଶ୍ରୀବୈକୁଣ୍ଠ ପରମ ବ୍ୟୋମ ବୈକୁଣ୍ଠ, ବିଶ୍ୱବେଶ ବୈକୁଣ୍ଠ, ଶେଷ ଗାୟତ୍ରୀ ବୈକୁଣ୍ଠ, କରୁଣାର୍ଣ୍ଣବ ବୈକୁଣ୍ଠ, ଗର୍ଦ୍ଦୋଦୟକ ଶାୟୀ ବୈକୁଣ୍ଠ, କୈଳାସ ବୈକୁଣ୍ଠ ଏହି ଅଷ୍ଟ ବୈକୁଣ୍ଠର ପ୍ରତୀକ ବୋଲି କହିଥାନ୍ତି। ସେହିପରି ପୁରାଣ ଶାସ୍ତ୍ରରେ ମଧ୍ୟ ଉଲ୍ଲେଖ ରହିଛି ଯେ ପଞ୍ଚଭୂତ, ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମଇନ୍ଦ୍ରିୟ, ପଞ୍ଚନ୍ମାତ୍ର, ମନ ତଥା ବୁଦ୍ଧିର ସମଷ୍ଟି ହେଉଛି ଏହି ବାଇଶି ପାହାଚ। ଅନେକ ଭକ୍ତଜନ ଏହାକୁ ବାଇଶିଟି ତୀର୍ଥଭୂମିର ସ୍ୱରୂପ ବୁଝିଥିବାବେଳେ ଆଉ କେହି କେହି ବାଇଶିଟି ଭାବ ଓ ବାଇଶିଟି ତତ୍ତ୍ୱ ସମ୍ପର୍କରେ ମଧ୍ୟ ନିଜ ବିଶ୍ୱାସ ରଖନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି ଏହା କେବଳ ମହାପ୍ରଭୁଙ୍କ ଶ୍ରଦ୍ଧାଳୁଙ୍କ ପାଇଁ ନୁହଁ ସମସ୍ତ ମାନବ ସମାଜ ପାଇଁ ନିଜ ଭିତରୁ ପଞ୍ଚରସ, ଅଷ୍ଟ ତାତ୍ତ୍ୱିକ ଭାବ ତ୍ରିବୀଜ, ତ୍ରିଶକ୍ତି ଓ ତ୍ରିଗୁଣ ମିଶାଇଲେ ଯାହାର ସଂଖ୍ୟା ହେଉଛି ବାଇଶି, ଏହି ପଞ୍ଚମନ ଓ ସପ୍ତବିକାର ଭଳି ଖରାପ ଗୁଣକୁ ତ୍ୟାଗ କରି ମହାପ୍ରଭୁଙ୍କ କୃପା ପ୍ରାର୍ଥୀ ହେବା ପାଇଁ ଏହି ବାଇଶି ପାହାଚ ହିଁ ସମଗ୍ର ମଣିଷ ସମାଜକୁ ଶିକ୍ଷା ଦେଇଥାଏ।

ବାଇଶି ପାହାଚର ଅଧିଷ୍ଠାତ୍ରୀ ଦେବୀଗଣ ହେଲେ ମାୟା, ଚେତନା, ବୁଦ୍ଧି, ନିଦ୍ରା,



କ୍ଷୁଧା, ଛାୟା, ଶକ୍ତି, ତୃଷ୍ଣା, କ୍ଷାନ୍ତି, ଜାତି, ଲଜ୍ଜା, ଶାନ୍ତି, ଶ୍ରଦ୍ଧା, କାନ୍ତି, ବୃତ୍ତି, ସ୍ମୃତି, ଦୟା, ତିଷ୍ଟି, ଚିନ୍ତା, ମାତୃ, ଭ୍ରାନ୍ତି ଓ ପ୍ରଜ୍ଞା। ଭକ୍ତ ବଳରାମ ଦାସ ତାଙ୍କର ଗୁପ୍ତ ଗୀତାରେ ରଚନା କରିଛନ୍ତି ବାଇଶି ପାହାଚରେ ରହିଛି ଅନେକ ପବିତ୍ରତା ଓ ତତ୍ତ୍ୱ। ଶ୍ରୀଜଗନ୍ନାଥଙ୍କ କରୁଣା ଲାଭ ନକଲେ ଭକ୍ତ ବାଇଶି ପାହାଚକୁ ଅତିକ୍ରମ କରି ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିପାରିବ ନାହିଁ। ଓଡ଼ିଆ ଆଧ୍ୟାତ୍ମିକ ବିଶ୍ୱାସ ସହିତ ମାନସିକତାରେ ଏହି ବାଇଶି ପାହାଚର ଚେତନା ଅତିବ ଗୁରୁତ୍ୱପୂର୍ଣ୍ଣ। ବାଇଶି ପାହାଚରେ ଛୋଟ ପିଲାଙ୍କୁ ବିଶ୍ୱାସର ସହିତ ଗଡ଼ାଇ ଦେଲେ ସେମାନଙ୍କର ଆୟୁ ବୃଦ୍ଧି ହୋଇଥାଏ ଏବଂ ଏହି ବାଇଶି ପାହାଚରେ ରହିଥିବା ଯମଶୀଳାକୁ ଭକ୍ତଜନ ସ୍ପର୍ଶ କରି ମହାପ୍ରଭୁଙ୍କୁ ଦର୍ଶନ କଲେ କୌଣସି ପରିସ୍ଥିତିରେ ସେମାନଙ୍କୁ ଅକାଳ ମୃତ୍ୟୁ ହୋଇନଥାଏ। ଏହି ପାହାଚରେ ଆତଯାତ ହେଉଥିବା ଭକ୍ତଜନଙ୍କ ପବିତ୍ର ପାଦଧୂଳିକୁ ମୁଣ୍ଡରେ ସ୍ପର୍ଶ କରି ଶ୍ରୀଜୀଉଙ୍କୁ ଦର୍ଶନ ଲାଭ ପରେ ସେହି ବ୍ୟକ୍ତିମାନଙ୍କର ଜୀବନରେ ପରଲୋକ ପରେ ବୈକୁଣ୍ଠ ପ୍ରାପ୍ତ ହୋଇଥାଏ। ସୁତରାଂ ଫୁଟ ଲମ୍ବ ଛଅଫୁଟ ଓସାର ଓ ଛଅ ଇଞ୍ଚ ଉଚ୍ଚତାର ଏହି ପାହାଚ ବଉଳମାଳ ପଥରରେ ତିଆରି। ପିତୃପକ୍ଷ ଓ ଅମାବାସ୍ୟା ଦିନ ଏହି ବାଇଶି ପାହାଚରେ ଶ୍ରାଦ୍ଧ ଦିଆଯାଇଥାଏ। ଶ୍ରୀଜୀଉଙ୍କର ବିଶ୍ୱ ପ୍ରସିଦ୍ଧ ପତିତପାବନ ଯାତ୍ରାକୁ ଯିବା ପୂର୍ବରୁ ଏହି ବାଇଶି ପାହାଚରେ ଯେଉଁ ପହଣ୍ଡି ବିଜେ ହୋଇଥାଏ ତାହା ବାସ୍ତବିକ ଅବର୍ଣ୍ଣନୀୟ। ଭକ୍ତଙ୍କ ସହିତ ଟିକିଏ ମିଶି ସେମାନଙ୍କୁ କୃପା ଦର୍ଶନ ଦେବା ନିମିତ୍ତ ଶ୍ରୀଜୀଉ ଆସିଥାନ୍ତି ବଡ଼ଦାଣ୍ଡ। ସର୍ବୋପରି ଓଡ଼ିଆ ବିଶ୍ୱାସ ଓ ଭାବ ଚେତନାରେ ବାଇଶି ପାହାଚର ମାହାତ୍ମ୍ୟ ଓ ଅନୁଭବର ପୁଲକ ସ୍ୱତନ୍ତ୍ର ଓ ଦିବ୍ୟ।

ଶ୍ରୀଜଗନ୍ନାଥ ସଂସ୍କୃତିରେ ଜୀବନ ପ୍ରତି ଅମୃତ ଦୃଷ୍ଟିକୋଣ ସଂପ୍ରସାରିତ ହୋଇଅଛି। ସେଇଠି ନାହିଁ ମୃତ୍ୟୁର ଭାବନା, ଆଉ ଶୋଚନା, ନିରାଶା ଆଉ ମୁହ୍ୟମାନତା। ସେଇଠି ଏକ ଅନନ୍ତ ଜାଗରଣ ଓ ଜ୍ୟୋତି ଜୀବନକୁ ଚିରସଞ୍ଜୀବିତ ଓ ଉର୍ଜସ୍ୱଳ କରି ରଖେ। ଓଡ଼ିଶାବାସୀ ଶ୍ରୀଜଗନ୍ନାଥଙ୍କ ଭିତରେ ଏହି ଅମୃତ ତତ୍ତ୍ୱର ସନ୍ଧାନ ପାଇଥିଲେ ବୋଲି ତାହାଙ୍କୁ ସର୍ବବିଶ୍ୱରେ ପରିବ୍ୟାପ୍ତ ପରଂବ୍ରହ୍ମରୂପୀ ପୁରୁଷୋତ୍ତମ ବୋଲି ବନ୍ଦନା କରିଛନ୍ତି। ଶ୍ରୀଜଗନ୍ନାଥଙ୍କର ଏହି ସ୍ୱରୂପ ଉପନିଷଦମାନଙ୍କରେ ବର୍ଣ୍ଣିତ ଅପାଣିପାଦ, ଅଚକ୍ଷୁ, ଅକର୍ଣ୍ଣ, ଅଥଚ ସର୍ବଗମ, ସର୍ବଦ୍ରଷ୍ଟା ଓ ସର୍ବଶ୍ରୋତା ପୁରୁଷୋତ୍ତମଙ୍କ ସ୍ୱରୂପ ସହିତ ସମାନ। ନିଖିଳ ବିଶ୍ୱ ପାଇଁ ଆତ୍ମ ପୁରୁଷର ପୂର୍ଣ୍ଣତ୍ୱ ପ୍ରାପ୍ତି ଓ ଏହି ଲକ୍ଷରେ ତ୍ୟାଗ ତଥା ଆତ୍ମୋତ୍ସର୍ଗ ହିଁ ହେଉଛି ଉତ୍ତମ ପୁରୁଷ ବା ପୁରୁଷୋତ୍ତମର ଲକ୍ଷଣ। ଏହି ବିଶ୍ୱଚେତନା ଶିଖାଇଛି ଶ୍ରୀଜଗନ୍ନାଥ ସଂସ୍କୃତି।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩**

# ମାନବ ଜୀବନ ଭାସେ ଦୁଃଖ ସମୁଦ୍ରରେ...



କିଶୋର କୁମାର ଜେନା

ଜୀବନ ହେଉଛି ଈଶ୍ୱରଙ୍କର ବ୍ୟକ୍ତରୂପ। ଜୀବନ ଆନନ୍ଦ। ଜୀବନ ହେଉଛି ଆତ୍ମାନନ୍ଦର ପ୍ଲାବନ। ଜୀବନ ହେଉଛି ଏକ ଚେତନାର ସ୍ରୋ। ଜୀବନର ପ୍ରତିଟି ଅଣୁ ସ୍ପନ୍ଦନଶୀଳ। ସକଳ ବସ୍ତୁରେ ଜୀବନ ବିଦ୍ୟମାନ। ନିର୍ଜୀବ ବୋଲି କୌଣସି ବସ୍ତୁ ହିଁ ନାହିଁ। ଖଣ୍ଡିଏ ପଥର ବି ଜୀବନ ରହିଛି। ବସ୍ତୁମାତ୍ରେ ଯେ ଜୀବନର ସ୍ପନ୍ଦନ ପୂର୍ଣ୍ଣ, ତାହା ଅତ୍ୟାଧୁନିକ ବୈଜ୍ଞାନିକମାନେ ସଂପୂର୍ଣ୍ଣ ରୂପେ ପ୍ରମାଣ କରିସାରିଛନ୍ତି।

ଜୀବନ ଅଛି ତ ଯନ୍ତ୍ରଣା ନିଶ୍ଚିନ୍ତ ରହିବ। ତେବେ କିପରି ଯନ୍ତ୍ରଣାର କ୍ଷତ କମ ହେବ ଏ ନେଇ ଅନେକ ଆମେ ଧର୍ମଶାସ୍ତ୍ର ଅଧ୍ୟୟନ କରିଥାଉ। ଜୀବନ ଯନ୍ତ୍ରଣା ପ୍ରସଙ୍ଗରେ ଏକ ଛୋଟିଆ କଥାଟି ଏଠାରେ ଉପସ୍ଥାପନ କରୁଛି। ଜଣେ ଅସୁଖୀ ଯୁବକ ଦିନେ ଜଣେ ଜ୍ଞାନୀ ବ୍ୟକ୍ତିଙ୍କୁ ଭେଟି ନିଜର ଦୁଃଖ ଜଣାଇଲେ । କ'ଣ କଲେ ଦୁଃଖ-ଯନ୍ତ୍ରଣା ଦୂର ହେବ ପଚାରିଲେ । ଜ୍ଞାନୀ ଗୋଟିଏ ଗ୍ଲାସ୍ ପାଣିରେ ମୁଠାଏ ଲୁଣ ମିଶାଇ, ତାଙ୍କୁ ପିଇବାକୁ ଦେଲେ । ଯୁବକ ଭାବିଲେ ପରୀକ୍ଷା କରାଯାଉଛି, ସେ ପିଇଦେଲେ । ଲୁଣପାଣିତକ ଢ଼ୋକିବା ପାଇଁ ତାଙ୍କୁ ବେଶ୍ କଷ୍ଟ କରିବାକୁ ପଡ଼ିଲା । ଜ୍ଞାନୀ ପଚାରିଲେ, କେମିତି ଲାଗିଲା । ଅତି ଖରାପ ଲାଗିଲା ବୋଲି ଯୁବକ ଉତ୍ତର ଦେଲେ । ତହୁଁ ଜ୍ଞାନୀ ବ୍ୟକ୍ତି, ତାଙ୍କୁ ନିକଟରେ ଥିବା ଏକ ମଧୁର ଜଳ ହ୍ରଦ ପାଖକୁ ନେଇଗଲେ । ପାଖରେ ରଖିଥିଲେ ମୁଠାଏ ଲୁଣ । ଲୁଣ ମୁଠାକ ହ୍ରଦ ଭିତରକୁ ଫୋପାଡ଼ି ଦେଇ ହ୍ରଦ, ହ୍ରଦ ପାଣିରୁ ମୁନ୍ଦେ ପିଇବା ପାଇଁ ଯୁବକଙ୍କୁ କହିଲେ । ଯୁବକ ପାଣି ପିଇଲେ କିଛି କଷ୍ଟ ହେଲାନାହିଁ । ବିଚଳିତ ଦୁଃଖୀ ଯୁବକଙ୍କୁ ଜ୍ଞାନୀ କହିଲେ, ପାର୍ଥିବ ଯନ୍ତ୍ରଣା ମୁଠାଏ ଲୁଣ ପରି । ଯନ୍ତ୍ରଣା ଅଧିକ ନୁହେଁ କି କମ୍ ନୁହେଁ । ସବୁବେଳେ ସମାନ । ତେବେ ଯନ୍ତ୍ରଣାରେ ଅନୁଭବ ନିର୍ଭର କରୁଛି, ଆମେ ତାକୁ କେଉଁଠି ରଖିଛେ, ତା ଉପରେ । ଗ୍ଲାସ ପରି ନ ହୋଇ ହ୍ରଦ ପରି ନିଜକୁ ବିସ୍ତାରିତ କର । ଯନ୍ତ୍ରଣା ଅନୁଭୂତ ହେବନାହିଁ । ନିଜକୁ ଯେତେ ଅଧିକ ବିସ୍ତାରିତ କରିବ ବା ଅନ୍ୟ କାର୍ଯ୍ୟରେ ଯେତେ ଅଧିକ ନିୟୋଜିତ ହେବ, ଯନ୍ତ୍ରଣା ସେତିକି କମ୍ ଅନୁଭୂତ ହେବ ।

ଆମେ ପ୍ରତ୍ୟେକେ ହେଉଛୁ ଜଣେ ତୀର୍ଥଯାତ୍ରୀ। ଆମେ ଚାଲିଯିବା ପାଇଁ ଆସିଥାଉଁ। ଈଶ୍ୱର ହିଁ ଆମର ଲକ୍ଷ୍ୟସ୍ଥଳ। ଆମେ ଯେଉଁ ଉତ୍ତରାଧିକାରୀ ହରାଇବସିଛୁ, ଯେଉଁ ଉତ୍ତରାଧିକାରୀ ସୂତ୍ରରେ ପାଇଥିବା ସମ୍ପତ୍ତି ବିଷୟ ଆମେ ପାଶୋରି ଯାଇଛୁ, ସେହି ଅଧିକାର, ସେହି ସମ୍ପତ୍ତି ଅନ୍ୱେଷଣ କରିବା ହିଁ ଆମର କାର୍ଯ୍ୟ। ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ ମାର୍ଗ ନିର୍ଦ୍ଦେଶ କରିଛନ୍ତି - 'ଈଶ୍ୱରଙ୍କ ସହିତ ଆମର ଅଭିନ୍ନତ୍ୱ ରହିଛି - ଏ ବିଷୟରେ ଏକ ସଚେତନ ଉପଲବ୍ଧି ଜାଗ୍ରତ କରାଇବା ହିଁ ଜୀବନର ପ୍ରଧାନ ମୌଳିକ ଲକ୍ଷ୍ୟ। ଏଥିରୁ ପୃଥକ ହୋଇଗଲେ ଜୀବନର କୌଣସି ଅର୍ଥ ରହେନାହିଁ। ଜୀବନ ଯେତେବେଳେ ପୂର୍ଣ୍ଣ ବା ସାମୂହିକ ହୋଇଯାଏ, ଯେତେବେଳେ ଜୀବାତ୍ମା ପରମାତ୍ମାରେ ମିଳିତ ହୋଇଯାଏ, ସେତେବେଳେ ଜୀବନ ସାର୍ଥକ ଓ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଯାଏ।' ଆମେ ଯେଉଁଠାରୁ ଆସିଥାଉ, ସେଠାକୁ ଫେରିଯିବା; ଏହା ହିଁ ଜୀବନର ପ୍ରକୃତ ଲକ୍ଷ୍ୟ। ନଦୀ ଯେପରି ତାର ଜଳର ଅନ୍ତିମ ଉତ୍ପତ୍ତିସ୍ଥଳ ସାଗର ସହିତ ସଂଯୁକ୍ତ ହେବାକୁ ଅବିଶ୍ରାନ୍ତ ଗତିରେ ଧାବମାନ; ଅଗ୍ନି ଯେପରି ଅସ୍ଥିର ଶିଖା ବିସ୍ତାର କରି ତାର ମୌଳିକ ତତ୍ତ୍ୱରେ ବିମିଶ୍ରତ ହୋଇଯିବାକୁ ପ୍ରଜ୍ୱଳିତ, ଆମକୁ ସେହିପରି ସେହି ପରମକାରଣଙ୍କର କୃପା ଲାଭ କରିବା ପାଇଁ, ତାଙ୍କରି ସହିତ ମିଳିତ ହୋଇଯିବା ପାଇଁ ଏହି ଧରାପୃଷ୍ଠରେ ଅବିଶ୍ରାନ୍ତଭାବରେ ଉଦ୍ୟମଶୀଳ ହେବାକୁ ପଡ଼ିଥାଏ।

ସାଧୁତା ହିଁ ଜୀବନର ନୀତି ହେଉ। ସାଧୁଜୀବନ ଯାପନ କରୁ। ଧର୍ମମାର୍ଗରୁ ବିଚ୍ୟୁତ ହୁଅନ୍ତୁ ନାହିଁ। ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟସମ୍ଭାଷଣରେ ଆମ୍ଭମାନଙ୍କୁ ମାର୍ଗଦର୍ଶନ କରି କହିଛନ୍ତି - 'ସଦଗୁଣବିହୀନ ଜୀବନ ମନୁଷ୍ୟ ଜୀବନ ହୋଇ ନପାରେ। ନିଃସ୍ୱାର୍ଥପର ସେବାରେ ହିଁ ଜୀବନର ସ୍ୱାଦ ଓ ସରସ୍ୱତା ନିହତ। ବିଶ୍ୱପ୍ରେମ ହିଁ ଜୀବନର ଜୀବିକା।' ଆପଣ ଯଦି ସମଗ୍ର ମାନବଜାତିର ସେବାରେ ଆତ୍ମନିୟୋଗ କରି ନ ଦିଅନ୍ତି, ଯଦି ସମଗ୍ର ମାନବ ଜାତିକୁ ପ୍ରେମ କରିବାକୁ ଶିଖନ୍ତି, ତେବେ ଜୀବନର ପୂର୍ଣ୍ଣତା ଲାଭ କରିପାରିବେ ନାହିଁ, ବଞ୍ଚିବାର ପୂର୍ଣ୍ଣ ତାତ୍ପର୍ଯ୍ୟ ଉପଲବ୍ଧି କରିପାରିବେ ନାହିଁ। ଜନସେବା ଓ ଭଗବତ ଭକ୍ତିରେ ହିଁ ପ୍ରକୃତ ଜୀବନର ରହସ୍ୟ ନିହିତ। ଅପରକୁ ସାହାଯ୍ୟ କରିବା ଲାଗି ଜୀବନ ଧାରଣ କରନ୍ତୁ। ସେହିପରି ଜୀବନ ଯାପନ କଲେ ହିଁ ଆପଣଙ୍କ ଭିତରେ ଦିବ୍ୟଶକ୍ତିର ସ୍ରୋତ ସଞ୍ଜୀବନୀ ଶକ୍ତି ହୋଇ ପ୍ରବାହିତ ହେବ। ଜୀବନକୁ ନିତ୍ୟାନନ୍ଦମୟ କରିଦିଅନ୍ତୁ। ସତ୍ୟରୁ ଆନନ୍ଦ ଲାଭ କରନ୍ତୁ। ତପଃରୁ ଆନନ୍ଦ ଲାଭ କରନ୍ତୁ। ପ୍ରତ୍ୟେକଟି ଦିନକୁ ଜୀବନର ଅନ୍ତିମ ଦିବସ ବୋଲି ଗ୍ରହଣ କରି ଦିନର ପ୍ରତିଟି ମୁହୂର୍ତ୍ତ ପ୍ରାର୍ଥନା, ଧ୍ୟାନ ଓ ସେବାରେ ନିୟୋଜିତ କରନ୍ତୁ। ଆପଣଙ୍କ ଜୀବନ ଭଗବତ ପଦାରବିନ୍ଦରେ ଏକ ନିୟତ-ଉତ୍ସର୍ଗରେ ପରିଣତ ହୋଇଯାଉ। ଜୀବନ ପ୍ରସଙ୍ଗରେ ଆଲୋଚନା ରଖିବାବେଳେ ବ୍ୟାସକବି ଫକୀରମୋହନଙ୍କ କାଳଜୟୀ ଓ ସ୍ମରଣୀୟ ଧାଡିଟି ମନେପଡୁଛି - 'ମାନବ ଜୀବନ ଭାସେ ଦୁଃଖ ସମୁଦ୍ରରେ, ଜନମ କାଳରେ ଦୁଃଖ, ଦୁଃଖ ଶୈଶବରେ, ଯୌବନରେ ଅଛି ଦୁଃଖ ବାର୍ଦ୍ଧକ୍ୟେ, ମରଣେ। ମହାଦୁଃଖଚକ୍ରେ ଆବର୍ତ୍ତିତ ଲୋକଗଲେ।'

**ଆଇନଜୀବୀ, ବଙ୍ଗାଳିସାହି, କଟକ, ଦୂରଭାଷ : ୭୩୨୫୯୦୪୯୨୭/ ୭୩୭୭୪୩୯୦୭୭**
**E-mail : kishorekumarjenaadv@gmail.com**

# ଏମିତି ମଣିଷ ଆଜିର ଦୁନିଆରେ ବିରଳ



ହିମାଂଶୁ ଶେଖର ଆଚାର୍ଯ୍ୟ

ଚାହୁଁ ଚାହୁଁ ଏଗାର ଦିନ ହୋଇଗଲା। ସେ ଆଉ ଫେରିବେନି। କିନ୍ତୁ ସେ ଆମ ନିକଟରେ ସବିଦିନ ପାଇଁ ସ୍ମରଣୀୟ ହୋଇ ରହିବେ ତାଙ୍କ ସୁଗୁଣ ଓ ସୁକର୍ମ ପାଇଁ। ପ୍ରକୃତରେ ସେ ଥିଲେ ଜଣେ ଭିନ୍ନ ମଣିଷ। ଯେଉଁଥିପାଇଁ ସେଦିନ ମୃତ୍ୟୁ ଖବର ଶୁଣି ଶହ ଶହ ଲୋକ ଧାଇଁ ଯାଇଥିଲେ ତାଙ୍କ ବାସଭବନକୁ ତାଙ୍କ ଶେଷ ଦର୍ଶନ ପାଇଁ। ସମସ୍ତଙ୍କ ଆଖିରେ ଥିଲା ଲୁହ ମଓ ମନରେ ଥରଲା କୋହ। ସମସ୍ତେ କହୁଥିଲେ ଆହା - ଭଗବାନ ବାବୁ ଚାଲିଗଲେ । ଭଲ ଲୋକ ଥିଲେ ସେ । ଏଇଥିରୁ ଆମେ ଜାଣିବା ଭାଗବତରେ ଯାହା କୁହାଯାଇଛି ତାହା କେତେ ଠିକ୍ । ଭାଗବତ ବାଣୀ- ପ୍ରାଣୀର ଭଲମନ୍ଦ ବାଣୀ , ମରଣ କାଳେ ତା ଜାଣି । ଜନ୍ମ ହୋଇଥିଲେ ଫେବୃୟାରୀ ୯ତାରିଖ ୧୯୫୩ ମସିହାରେ ଜଗତ୍‌ସିଂହପୁରର ରଘୁନାଥପୁର ବ୍ଲକ ଅନ୍ତର୍ଗତ ଆମ୍ବଦରଡ ଗ୍ରାମରେ ଓ ଚାଲିଗଲେ ଆରପରିକୁ ୨୦୨୫ ମସିହା ମେ ୦୫ ତାରିଖରେ।

ଅଧ୍ୟାପକ ଭଗବାନ ବିଶ୍ୱାଳ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ଏତେ ସୁଗୁଣର ଅଧିକାରୀ ହେବା ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ଜୁଟେ। ଘାତ- ପ୍ରତିଘାତ, ସଂଘାତ- ସଂଘର୍ଷ ମଧ୍ୟରେ ଗତିକରି ସେ କେବେ ଭାଙ୍ଗି ପଡିନଥିଲେ। କୌଣସି କାମରେ ହାରିବା ଜିତିବା ତାଙ୍କ ପାଖରେ ଥିଲା ପରୀକ୍ଷା ନୀରିକ୍ଷାର ପ୍ରୟୋଗଶାଳା। ଜିତିବାରେ ସେ ପାଉଥିଲେ ଯେତିକି ଆନନ୍ଦ ହାରିବାରେ ମଧ୍ୟ ତାଙ୍କର ଅନୁଶୋଚନା ନଥିଲା । କିନ୍ତୁ ସମସ୍ୟା ସମାଧାନ କରିବାରେ ସେ ଥିଲେ ମାହିର। ଗାଁ ନିଶାପ ଠାରୁ ଆରମ୍ଭ କରି କଲେଜ ପରିଚାଳନା ସମସ୍ୟାର ସମାଧାନ ବା ଅନ୍ୟ କଛି ଜଟିଳ ପରିସ୍ଥିତିରେ ତାଙ୍କର ଭୂମିକାକୁ ଅସ୍ୱୀକାର କରାଯାଇ ପାରୁନଥିଲା। ସବୁଥିରେ ସେ ଥିଲେ ଆଗୁଆ । ଯେଉଁଠି ସମସ୍ୟା , ସେଇଠି ଭଗବାନ ବାବୁ। ଏହି ନିଆରା ପରିଚୟ ତାଙ୍କୁ ସ୍ୱତନ୍ତ୍ର ଭାବେ ପରିଚୟ ପ୍ରଦାନ କରିଥିଲା। ଲୋକଙ୍କ ସେବା ତାଙ୍କ ଜୀବନର ମୌଳିକ ବ୍ରତ ଥିଲା। ଏଥିପାଇଁ ସେ ରାଜନୀତିରେ ଯୋଗଦେଇଥିଲେ । ୧୯୮୪ରୁ ୧୯୮୯ ପର୍ଯ୍ୟନ୍ତ ସମଙ୍ଗ ପଞ୍ଚାୟତର ସରପଞ୍ଚ ଭାବେ କାର୍ଯ୍ୟ ତୁଲାଇଥିଲେ । ତାଙ୍କ ସମୟରେ ପଞ୍ଚାୟତର ବହୁତ ଉନ୍ନତି ମୂଳକକାର୍ଯ୍ୟ ହୋଇଥିଲା। ଏହି ସମୟରେ ରେଢୁଆରେ ଉଚ୍ଚ ଶିକ୍ଷାର ପ୍ରସାର ପାଇଁ ଏକ ମହାବିଦ୍ୟାଳୟର ଅବଶ୍ୟକତା ରହିଛି ବୋଲି ଅନୁଭବ କରି ଯେଉଁ କେତେଜଣ ପ୍ରତିଷ୍ଠାତା ସଦସ୍ୟ ଏ କାର୍ଯ୍ୟରେ ଆଗେଇ ଆସିଥିଲେ ତନ୍ମଧ୍ୟରୁ ଭଗବାନ ବିଶ୍ୱାଳ ଥିଲେ ଜଣେ।

କଲେଜଟି ଆତ୍ମପ୍ରକାଶ ପରେ ଧୀରେ ଧୀରେ ଆଗେଇ ଚାଲିଲା। ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କ ସଂଖ୍ୟା କ୍ରମଶ ବଢିବାକୁ ଲାଗିଲା। କିଛି ବନ୍ଧୁ ତାଙ୍କୁ ପରାମର୍ଶ ଦେଲେ ଆପଣ ରେଢୁଆ କଲେଜରେ ଯୋଗଦିଅନ୍ତୁ। ଆପଣ ତ ଓଡିଆ ସାହିତ୍ୟରେ ଏମ୍.ଏ ଡିଗ୍ରୀ ହାସଲ କରିଛନ୍ତି । ତେଣୁ ନିଜ ହାତ ତିଆରି ଅନୁଷ୍ଠାନରେ ଯୋଗଦେଲେ ଆମର ସବୁଦୃଷ୍ଟିରୁ ଲାଭ ହେବ। ଏକଥା ଶୁଣି ପ୍ରଥମେ ଭଗବାନ ବାବୁ ମନାକଲେ। ମୋ ହାତଗଢା ଅନୁଷ୍ଠାନରେ ମୁଁ କଣ ଚାକିରି କରିବି ? ଏକଥା ମୋତେ ଭଲଲାଗୁନି । ଏହାପରେ ତତ୍କାଳୀନ ବିଧାୟକ ବଟକୃଷ୍ଣ ଜେନା ଓ ସବ୍‌ରେଜିଷ୍ଟ୍ରାର ତଥା କଲେଜ ପରିଚାଳନା କମିଟି ସଭାପତି ଶାରଦା ଚରଣ ଆଚାର୍ଯ୍ୟଙ୍କ ଅନୁରୋଧ କ୍ରମେ ସେ ଓଡିଆ ବିଭାଗର ଅଧ୍ୟାପକ ଭାବେ ୧୯୮୯ ମସିହାରେ ଯୋଗଦାନ କଲେ ଓ ୨୦୧୩ ମସିହାରେ ଚାକିରିରୁ ଅବସର ନେଲେ । ମାତ୍ର ସରକାରୀ ଅନୁଦାନ ନୀତି ତାଙ୍କ ପାଇଁ ବିଶେଷ ଫଳପ୍ରଦ ହୋଇପାରିଲା ନାହିଁ। ବ୍ଲକଗ୍ରାଣ୍ଟ ପାଇ ସେ ସରକାରୀ ଚାକିରିରୁ ଅବ୍ୟାହତି ନେଲେ। ମାତ୍ର ସମ୍ପୂର୍ଣ୍ଣ ଅନୁଦାନ ପାଇ ପାରିଲେ ନାହିଁ। ତଥାପି ତାଙ୍କ ମନରେ ଅବଶୋଷ ନଥିଲା। ତାଙ୍କର ମୁଖ୍ୟଚିନ୍ତା ଥିଲା ସେ କଣ ପାଇବେ ନପାଇବେ ତାହା ବଡକଥା ନୁହେଁ। ବରଂ ଅନ୍ୟାନ୍ୟ କାର୍ଯ୍ୟରତ ଅଧ୍ୟାପକ ଓ ଅଧ୍ୟାପିକା ଓ କର୍ମଚାରୀ ଅନୁଦାନ ପାଇଲେ ସେ ଆତ୍ମତୃପ୍ତି ପାଇବେ। ସତରେ ନଜ ଲଥା ଛାଡି ଅନ୍ୟର ହିତ ଚିନ୍ତା କରୁଥିବା ମଣିଷଟିଏ ଥିଲେ ଅଧ୍ୟାପକ ଭଗବାନ ବିଶ୍ୱାଳ । ଏପରି ମଣିଷ ଆଜିର ଦୁନିଆରେ ବିରଳ।

ସେତେବେଳେ ବେସରକାରୀ ଶିକ୍ଷାନୁଷ୍ଠାନ ଓ ଅନୁଦାନ ଏକ ପ୍ରମୁଖ ସମସ୍ୟା ଥିଲା। ଏଭଳି ସ୍ଥିତିରୁ ଶିକ୍ଷକମାନଙ୍କୁ ଉଦ୍ଧାର କରିବା ପାଇଁ ଅଣ୍ଟା ଭିଡିଥିଲେ ସ୍ୱର୍ଗତ ବିଶ୍ୱାଳ। ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଓ ପରେ ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘର ଜଣେ ଆଗୁଆ ସଂଗଠକ ଭାବେ କେବଳ ଜଗତସିଂହପୁର ଜିଲ୍ଲା ନୁହେଁ ସମଗ୍ର ରାଜ୍ୟରେ ସେ ବେଶ୍ ଜଣାଶୁଣା ଥିଲେ। ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ପ୍ରଫେସର ଅବନୀ ବରାଳ, ସଭାପତି ଅର୍ଜ୍ଜୁନ ଚରଣ ଦାସ, ଅଧ୍ୟାପକ ଭଗବାନ ଜେନା, ଗୟାଧର ରାଉତ, ଅଜୟ କୁମାର ସାମଲ, ସୁଶୀଲ କୁମାର ମଲ୍ଲିକ, ଗୌରହରି ଶତପଥୀ, ଅକ୍ଷୟ ଦାସ, ବିଜୟ କୁମାର ବିଶ୍ୱାଳ, ସୁରେଶ ଚନ୍ଦ୍ର ରାଉତ ଓ ଆହୁରି ଅନେକ ଜିଲ୍ଲା ଓ ରାଜ୍ୟସ୍ତରୀୟ ନେତାଙ୍କ ସହ ତାଙ୍କର ସୁସମ୍ପର୍କ ଥିଲା। ବ୍ୟକ୍ତିଗତ ଭାବେ ମୁଁ ବେସରକାରୀ କଲେଜ ଶିକ୍ଷକ ସଂଘର ଜିଲ୍ଲା ସମ୍ପାଦକ ଓ ରାଜ୍ୟ ଶିକ୍ଷକ ସଂଘର ଯୁଗ୍ମ ସମ୍ପାଦକ ଥିବା ସମୟରେ ସେ ମୋତେ ସବୁବେଳେ କହୁଥିଲେ - ହିମାଂଶୁ ବାବୁ ସଂଗଠନ କାମରେ ଆପଣ ଯେତେବେଳେ ଡାକିବେ ମୁଁ ଯିବି। ଆଉ ମଧ୍ୟ କହୁଥିଲେ ଏଭଳି ସମୟରେ ଯଦି ମହାସଂଘ ବ୍ୟାନରରେ କିଛି ପାଇବା ନାହିଁ ତାହାଲେ ଆଉ କିଛି ହେବନାହିଁ। ଦିନକୁ ଦିନତ ସଂଗଠନ ସ୍ଥିତି ବିଗିଡିବାରେ ଲାଗିଛି। କାନ୍ଦୁଆ ଯାହା ପାଉଥା ବାନ୍ଧୁଆ ନ୍ୟାୟରେ ଆମେ ସରକାରଙ୍କ ଠୁ କିଛି ଆଣିବାର ଅଛି। ଏଥିସହିତ ରଘୁନାଥପୁର ବ୍ଲକର ସମଙ୍ଗ, ରାଢଙ୍ଗ, ଇଛାପୁର, ସାଦେଇପୁର, ଅୟର ଅଞ୍ଚଳର ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମରେ ସେ ସାମିଲ ହେଉଥିଲେ। ତନ୍ମଧ୍ୟରୁ ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ, ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ ସ୍ମୃତି ପରିଷଦ, ଇଂ କିଶୋର ମହାପାତ୍ର ସ୍ମୃତି ପରିଷଦ ଗଠନରେ ଓ ଏହାର କର୍ମକର୍ତ୍ତାଭାବେ ତାଙ୍କର ଭୂମିକା ଅନସ୍ୱୀକାର୍ଯ୍ୟ ଥିଲା ଏହା ସମସ୍ତେ ମୁକ୍ତକଣ୍ଠରେ ସ୍ୱୀକାର କରବେ।

ସଂଗ୍ରାମୀ ଜୀବନ ଭିତରେ ସେ ବହୁତ ବାଧାବିଘ୍ନକୁ ସାମ୍ନା କରିଛନ୍ତି। କିନ୍ତୁ କେତେବେଳେ ଦବି ନାହାଁନ୍ତି। ସଂଗଠନର ଡାକରାରେ ଯେତେବେଳେ ଆନ୍ଦୋଳନ ସବୁବେଳେ ଆଗରେ ଥିବେ ଭଗବାନ ବିଶ୍ୱାଳ । ସଂଗଠନ ଭିତରେ ସେ ସବୁବେଳେ "ସଂକଟ ମୋଚନକାରୀ" ଭୂମିକା ନିର୍ବାହ କରୁଥିଲେ। ସେଥିପାଇଁ ରାଜ୍ୟସ୍ତରରେ ଓ ଜିଲ୍ଲା ସ୍ତରରେ ସମସ୍ତ ବର୍ଗର ଶିକ୍ଷକ ଓ ଶିକ୍ଷକନେତାଙ୍କର ସ୍ୱତନ୍ତ୍ର ସମ୍ମାନ ତାଙ୍କ ପ୍ରତି ରହିଥିଲା। ଯେତେବେଳେ କୌଣସି ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ତାଙ୍କ ପାଖକୁ ଯାଉଥିଲେ ସେ କାହାକୁ ନିରାଶ କରୁନଥିଲେ। ସେ ଥିଲେ ଜଣେ ଅଶାବାଦୀ ମଣିଷ। ସମସ୍ତଙ୍କୁ କହୁଥିଲେ ସଂଗଠନ ଓ ଏକତା ହେଉଛି ଆମର ବଡ ପୁଞ୍ଜି। ସମସ୍ତେ ପ୍ରତ୍ୟେକଙ୍କ ପାଇଁ ଓ ପ୍ରତ୍ୟେକ ସମସ୍ତଙ୍କ ପାଇଁ ନୀତିକୁ ଆପଣାଇଲେ ଆମର ସଂଗ୍ରାମ ସଫଳ ହେବ। ପ୍ରକୃତରେ ତାଙ୍କ କଥା ଅକ୍ଷରେ ଅକ୍ଷରେ ସତ ବୋଲି ପ୍ରମାଣିତ ହୋଇଥିଲା।

ଜନ୍ମ ଥିଲେ ମୃତ୍ୟୁ ଅଛି। ଏହାହିଁ ଚିରନ୍ତନ ସତ୍ୟ। ଏହାକୁ ଏଡାଇ ହେବ ନାହିଁ। ଏପରିକି ଦେବତା ମାନେ ଏଠି ଜନ୍ମ ନେଲେ ତାଙ୍କୁ ବି ମରିବାକୁ ପଡିଥାଏ। ମାତ୍ର ଯଶ ଓ କୀର୍ତ୍ତି ମଣିଷକୁ କାଳଜୟୀ କରିଥାଏ। ସେଥିପାଇଁ କୁହାଯାଏ - "ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ, ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ"। ସେମିତି ଏକ ମଣିଷ ଥିଲେ ପୂର୍ବତନ ସରପଞ୍ଚ , ଦକ୍ଷ ସଂଗଠକ, ରେଢୁଆ କଲେଜର ପ୍ରତିଷ୍ଠାତା ସଦସ୍ୟ ଓ ସୁନାମଧନ୍ୟ ଅଧ୍ୟାପକ ସ୍ୱର୍ଗତ ଭଗବାନ ବିଶ୍ୱାଳ। ଚାହୁଁ ଚାହୁଁ ଏଗାର ଦିନ ହୋଇଗଲା ସେ ଚାଲିଯାଇଛନ୍ତି ଆରପାରିକୁ। ଯେଉଁ ପାରିକୁ ଜଣେ ଥରେ ଗଲେ ଆଉ ଫେରିଆସେନି। ଅଫେରା ସେ ବାଟ। ତାଙ୍କ ଅବର୍ତ୍ତମାନରେ ବିରାଟ ଶୂନ୍ୟତା।ସେ ଶୂନ୍ୟତା କେବେ ପୂରଣ ହେବ କେଜାଣି ?

**ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର**

## କୋଲ୍ଡ଼୍ରିଙ୍କସରେ ବିଷ ମିଶାଇ ପିଇ ଦେଇଥିଲେ ପୂରା ପରିବାର ପୁଅ ଓ ଝିଅଙ୍କ ପରେ ଆଜି ବାପାରଙ୍କ ମୃତ୍ୟୁ

**ବ୍ରହ୍ମପୁର,(ଡିକେ ନ୍ୟୁଜ):** ପୁଅ ଝିଅଙ୍କ ପରେ ବାପାର ମୃତ୍ୟୁ। ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ଓଡ଼ିଆପାରଳା ସାହିର ଶୁଭାଶିଷ ପାଣିଗ୍ରାହୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ଏମକେସିଜି ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ୮ ବର୍ଷର ପୁଅ ଓ ୧୨ ବର୍ଷର ଝିଅର ମୃତ୍ୟୁ ହୋଇଥିଲା। ଶୁଭାଶିଷ ପାଣିଗ୍ରାହୀ ଗତକାଲି ମଧ୍ୟାହ୍ନରେ ନିଜ ପୁଅ, ଝିଅଙ୍କୁ ମୃଦୁପାନୀୟରେ ବିଷ ମିଶାଇ ପିଇବାକୁ ଦେଇଥିଲେ ଓ ନିଜେ ମଧ୍ୟ ପିଇଥିଲେ। ଅସୁସ୍ଥ ହେବା ପରେ ସମ୍ପର୍କୀୟ ସମସ୍ତଙ୍କୁ ଉଦ୍ଧାର କରି ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ୮ ବର୍ଷର ପୁଅ ବିଜୟାନନ୍ଦଙ୍କ ମୃତ୍ୟୁ ହୋଇଥିଲା। ପରେ ବାପା ଶୁଭାଶିଷ ଓ ଝିଅ ପ୍ରିୟଦର୍ଶିନୀଙ୍କୁ ବ୍ରହ୍ମପୁର ଏମକେସିଜିକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୧୨ ବର୍ଷର ଝିଅ ପ୍ରିୟଦର୍ଶିନୀଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା। ଆଜି ବାପା ଶୁଭାଶିଷ ପାଣିଗ୍ରାହୀ ମଧ୍ୟ ଆଖି ବୁଜିଛନ୍ତି। ଗତ ମାର୍ଚ୍ଚ ୨୧ ତାରିଖରେ ଶୁଭାଶିଷଙ୍କ ପତ୍ନୀ ଶ୍ୱେତମଞ୍ଜରୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିଲା। ପାରିବାରିକ କଳହ ସାଙ୍ଗକୁ ସମ୍ପତ୍ତି ବିବାଦ ନେଇ ଶୁଭାଶିଷ ଚିନ୍ତାରେ ରହିଆସୁଥିଲେ। ପତ୍ନୀଙ୍କ ମୃତ୍ୟୁ ପରେ ଆହୁରି ଭାଙ୍ଗି ପଡିଥିଲେ। ମାନସିକ ଭାରସାମ୍ୟ ହରାଇ ଏଭଳି କାଣ୍ଡ କରିଥିବା ଅନୁମାନ କରାଯାଉଛି। ଗୋଟିଏ ପରିବାର ସମସ୍ତ ସଦସ୍ୟଙ୍କ ଏଭଳି ଦୁଃଖଦ ମୃତ୍ୟୁ ହୋଇଛି। ଘଟଣାକୁ ନେଇ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି।

## ଯୁବକଙ୍କ ଆତ୍ମହତ୍ୟା

**ଛତ୍ରପୁର,(ଡିକେ ନ୍ୟୁଜ):** ଛତ୍ରପୁର ଗଞ୍ଜାମ ଜିଲା ଛତ୍ରପୁର ଥାନା ଅନ୍ତର୍ଗତ ପାଲିଆ ଛତ୍ରପୁର ମଝିସାହିରେ ଜଣେ ଯୁବକ ଛାତର କ୍ଲାମ୍ପରେ ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଆତ୍ମହତ୍ୟା କରିଥିବା ଯୁବକ ଜଣକ ୨୮ ବର୍ଷୀୟ ଟି. ରାଜା ସ୍ୱାମୀୟ ନିଜ ଘରର ଦାଣ୍ଡପଟ ଏବଂ ବାଡ଼ିପଟ ଭିତର ପଟୁ ତାଲା ପକାଇ ରାଜା ଆତ୍ମହତ୍ୟା କରିଥିବା ସୂଚନା। ୨-୩ ଦିନ ପୂର୍ବରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ଘରୁ ଦୁର୍ଗନ୍ଧ ହେବା ପରେ ଗାଁ ଲୋକ ପୋଲିସକୁ ଖବର ଦେଇଥିଲେ। ପୋଲିସ ଏଏସ୍ଆଇ କାଳୁ ଚରଣ ସ୍ୱାଇଁ ଏବଂ କବିତା ବେହେରା ଘଟଣାସ୍ଥଳରେ ପହଞ୍ଚି ଘର କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରିଛନ୍ତିୟ ତେବେ ଯୁବକ ଜଣ କାହିଁକି ଆତ୍ମହତ୍ୟା କରିଛନ୍ତି, ତା'ର କାରଣ ଜଣାପଡ଼ିନାହିଁ। ପୋଲିସ ମାମଲାର ତଦନ୍ତ ଜାରି ରଖିଛି।

## ଜିଲ୍ଲା ରେଡକ୍ରସ ସୋସାଇଟିର କାର୍ଯ୍ୟକାରୀ କମିଟିର ବୈଠକ



**ସମ୍ବଲପୁର,(ଡିକେ ନ୍ୟୁଜ):** ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ ସମ୍ବଲପୂର ଜିଲ୍ଲା ରେଡକ୍ରସ ସୋସାଇଟିର କାର୍ଯ୍ୟକାରୀ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇଙ୍କ ସମେତ ଜିଲ୍ଲା ରେଡକ୍ରସ ସୋସାଇଟିର ସମ୍ପାଦିକା ରୋଜାଲିନା ତିର୍କୀ, ଜିଲ୍ଲା ରେଡକ୍ରସ ସୋସାଇଟିର ଭାଇସ ଚେୟାରମେନ ପାର୍ବତୀ ସେଠ୍ ପ୍ରମୁଖ ମଞ୍ଚାସିନ ରହିଥିଲେ। ଏହି ବୈଠକରେ ଜିଲ୍ଲା ରେଡକ୍ରସ ସୋସାଇଟିର ସବୁ ପୃଷ୍ଟପୋଷକ, ଆଜୀବନ ସଭ୍ୟ ସଭ୍ୟା ବିଭିନ୍ନ ବିଭାଗର ଅଧିକାରୀ ତଥା ବହୁ ସାମାଜିକ ସଂଗଠନର ପ୍ରତିନିଧି ମାନେ ଉପସ୍ଥିତ ରହିଥିଲେ। ଏଥିରେ ମୁଖ୍ୟତଃ ଜିଲ୍ଲା ରେଡକ୍ରସ ସୋସାଇଟି ପାଇଁ ନିର୍ଦ୍ଧାରିତ ଥିବା ଅନୁଦାନ କିପରି ହାସଲ କରାଯିବ ସେନେଇ ଆଲୋଚନା ହେବା ସହ ରେଡକ୍ରସକୁ ଆସୁଥିବା ଅନୁଦାନ ତଥା ପାଣ୍ଠିକୁ କିପରି ଅଧିକ ବୃଦ୍ଧି କରାଯାଇପାରିବ ସେ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ରେଡକ୍ରସର ଆଜୀବନ ସଭ୍ୟ ସଂଖ୍ୟାକୁ ବୃଦ୍ଧି ସମେତ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକଳାପ ନେଇ ବୈଠକରେ ଆଲୋଚନା କରାଯାଇଥିଲା।

## ଚୋରା ବିଦେଶୀ ମଦ ଜବତ : ଜଣେ ଗିରଫ



**ତିହିଡି ,(ଡିକେ ନ୍ୟୁଜ):** ଭଦ୍ରକ ଜିଲ୍ଲା ତିହିଡି ଥାନା ଅଧିନ ବିଲଣା କେରଡ଼ିହ ଗ୍ରାମରୁ ପୋଲିସ ଚୋରା ବିଦେଶୀ ମଦ ଜବତ କରିଥିବା ଜଣାପଡ଼ିଛି। ଏସମ୍ପର୍କରେ ପୋଲିସ ପକ୍ଷରୁ ୧୭୯/୨୫ ମକଦ୍ଦମା ରୁଜୁକରାଯାଇ କେରଡ଼ିହ ଗ୍ରାମର ଅରୁଣ କୁମାର ନାୟକ (୩୧)ଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପ୍ରକାଶ ଯେ, ବୁଧବାର ପୂର୍ବାହ୍ନରେ କେରଡ଼ିହ ଗ୍ରାମର ଅରୁଣ କୁମାର ନାୟକ ଚୋରା ବିଦେଶୀ ମଦ ବିକ୍ରିକରିବାକୁ ନେଇଯାଉଥିଲେ। କୌଣସି ସୂତ୍ରରୁ ପୋଲିସ ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ୧୫ଲିଟରରୁ ଅଧିକ ବିଦେଶୀ ମଦ (୨୪)ବିଆର ଜବତ କରିବାସହ ଅଭିଯୁକ୍ତ ଅରୁଣକୁ ଗିରଫ କରିଥିଲେ।

## କାଠ ଚୋରା ଚାଲାଣ ଅଭିଯୋଗରେ ଦୁଇ ଗିରଫ



**ଟିଟିଲାଗଡ଼ ,(ଡିକେ ନ୍ୟୁଜ):** ଗତ ୧୪ ତାରିଖ ଦିନ ଟିଟିଲାଗଡ଼ ବନାଞ୍ଚଳ ଅଧିକାରୀଙ୍କୁ ବିଶେଷ ସୂତ୍ରରୁ ସୂଚନା ମିଳିଲା ଯେ, ବର୍ଣ୍ଣେଇ ଜଙ୍ଗଲ ଅଞ୍ଚଳରୁ ଅବୈଧ ଭାବରେ ମିଶ୍ରିତ ପ୍ରକାରର କାଠ କଟାଯାଉଛି। ଏହି ସମ୍ବନ୍ଧରେ ଖବର ପାଇ ତତ୍କାଳୀନ ବନ ବିଭାଗର ଷ୍ଟାଫମାନେ ଦେଶିଲ ଗ୍ରାମ ନିକଟସ୍ଥ ବର୍ଣ୍ଣେଇ ଜଙ୍ଗଲକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ସେଠାକୁ ଯିବାପରେ ସେମାନେ ଦେଖିଲେ ଯେ ଦୁଇ ଜଣ ଲୋକ ବଳଦ ବୁହା ଶଗଡ଼ ଗାଡ଼ିରେ ପୋଲ ସାଇଜ ଗଛ ନେଉଥିଲେ। ବନ ବିଭାଗ କର୍ମଚାରୀଙ୍କୁ ଦେଖି ସେମାନେ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବନ ବିଭାଗ କର୍ମଚାରୀ ମାନେ ସେମାନଙ୍କୁ ଧରିବାରେ ସଫଳ ହୋଇଥିଲେ। ଧରାପଡ଼ିଥିବା ଲୋକମାନେ ହେଲେ ଟିକେରାମ ସାହୁ ଓ କବିରାଜ ବଗର୍ତ୍ତୀ, ଦୁହେଁ ଦେଶିଲ ଗ୍ରାମର ବାସିନ୍ଦା। ବନ ବିଭାଗ ସେମାନଙ୍କୁ ଓଡ଼ିଶା ଜଙ୍ଗଲ ଆଇନ ଅନୁଯାୟୀ ଗିରଫ କରି ୧୪.୦୫.୨୦୨୫ ତାରିଖରେ କୋର୍ଟକୁ ଚାଲାଣ କରିଛି। ଏହି ଦୁଇ ଜଣ ଲମ୍ବା ସମୟ ଧରି କାଠ ଚୋରି ଓ ଚୋରା ଚାଲାଣ କାର୍ଯ୍ୟରେ ସମ୍ପୃକ୍ତ ଥିବା ବୋଲି ଜଣାପଡିଛି। ଏହି ଘଟଣା ସଂପର୍କରେ ଟିଟିଲାଗଡ ରେଞ୍ଜରେ କେସ ପଞ୍ଜିକୃତ ହୋଇଛି ଓ ଆଗାମୀ ଅନୁସନ୍ଧାନ ଜାରି ରହିଛି ବୋଲି ରେଞ୍ଜ ଅଧିକାରୀ ସଚ୍ଚିଦାନନ୍ଦ ସୁବୁଦ୍ଧି ତଥ୍ୟ ପ୍ରଦାନ କରିଛନ୍ତି।

# କଳାହାଣ୍ଡି ଜିଲ୍ଲାସ୍ତରୀୟ ପରାକ୍ରମ ଶୋଭାଯାତ୍ରା

**କଳାହାଣ୍ଡି,(ଡିକେ ନ୍ୟୁଜ):** ଭାରତର ସୁରକ୍ଷାରେ ପ୍ରତ୍ୟେକ ନାଗରିକ। ଦେଶର ଏକତା, ଅଖଣ୍ଡତା ଓ ଶାନ୍ତି ପ୍ରତିଷ୍ଠାକୁ ବଜାଇ ରଖିବା ପାଇଁ ଭାରତୀୟ ସେନାର ଅକ୍ଲାନ୍ତ ପରିଶ୍ରମ, ତ୍ୟାଗ, ବଳିଦାନ ଓ କର୍ତ୍ତବ୍ୟ ନିଷ୍ଠା ଅତୁଳନୀୟ। ଭାରତର ସୁରକ୍ଷା ପାଇଁ ଆତଙ୍କବାଦ ବିରୋଧରେ ଲଢ଼େଇ ଅପରେସନ ସିନ୍ଦୂରରେ ଭାରତୀୟ ସେନାର ପରାକ୍ରମ ସମସ୍ତ ଦେଶବାସୀଙ୍କୁ ଗର୍ବିତ କରିଛି। ଭାରତର ବୀର ସୈନିକମାନଙ୍କ ସଫଳତା ଓ ସାହସିକ ପଦକ୍ଷେପକୁ ଉତ୍ସାହିତ କରିବା ପାଇଁ ଆଜି କଳାହାଣ୍ଡି ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଅପରେସନ ସିନ୍ଦୂର ପରାକ୍ରମ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ସାଂସଦ ଲୋକସଭା କଳାହାଣ୍ଡି, ମାଳବିକା ଦେବୀ, ଜିଲ୍ଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରୁ ଶୁଭାରମ୍ଭ କରାଯାଇ ଜିଲ୍ଲା କାରାଗାର ଛକ, ନୂଆ ବସ୍ ଷ୍ଟାଣ୍ଡ, ଘୋଡ଼ଘାଟ ଛକ, ସତ୍ୟମ୍ ସିନେମା ହଲ୍, ଦୟାନିଧି ଛକ, ମାଣିକେଶ୍ୱରୀ ଛକ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକ ଦେଇ ପୁରୁଣା ବସ୍‌ଷ୍ଟାଣ୍ଡ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏହି ତ୍ରିରଙ୍ଗା ଶୋଭାଯାତ୍ରା ପରିକ୍ରମା କରିଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ, ୬୪ ବାଟାଲିୟନ କମାଣ୍ଡେଣ୍ଟ ପଙ୍କଜ ଚୌଧୁରୀ, ଉପ ଜିଲ୍ଲାପାଳ ଧର୍ମଗଡ଼ ଧିମାନ ଚାକମା, ଉପ ଜିଲ୍ଲାପାଳ ଭବାନୀପାଟଣା, ପ୍ରଭାତ କୁମାର ପରିଡା, ୬୪ ବାଟାଲିୟନ ସେକେଣ୍ଡ ଇନ୍ କମାଣ୍ଡେଣ୍ଟ ପି.କେ ମିଶ୍ର, ଡେପୁଟି କମାଣ୍ଡେଣ୍ଟ ସଚିଦାନଁନ୍ଦ ପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଜନପ୍ରତିନିଧି, ବେସରକାରୀ ଅନୁଷ୍ଠାନ, ପ୍ରତିଷ୍ଠାନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ, ପୋଲିସ ବାହିନୀ, ଏନ୍‌ସିସି ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି, ଜନସାଧାରଣ ପ୍ରମୁଖ ଯୋଗଦେଇ ଭାରତୀୟ ସେନାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ହାତରେ ତ୍ରିରଙ୍ଗା ଧରି ଭାରତର ସୁରକ୍ଷା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ବୋଲି ଦେଶ ଭକ୍ତ ନାରା ଭାରତ ମାତା କି ଜୟ, ବନ୍ଦେ ମାତରମ୍, ଜୟ ଜବାନ ଜୟ କିଷାନ ସ୍ଲୋଗାନ୍‌ରେ ସହର ପ୍ରକମ୍ପିତ ହୋଇଥିଲା। ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ସାତସହ ରୁ ଉର୍ଦ୍ଧ ଲୋକ ସାମିଲ ହୋଇଥିଲେ।



## ପାରାଦ୍ୱୀପ ପୌରପାଳିକା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା



**ପାରାଦ୍ୱୀପ,(ଡିକେ ନ୍ୟୁଜ):** ପାରାଦୀପ ରେ ଅପରେସନ ସିନ୍ଦୂର ପରାକ୍ରମ ଶୋଭାଯାତ୍ରା। ଅପରେସନ ସିନ୍ଦୂରରେ ଭାରତୀୟ ସେନାର ପରାକ୍ରମ ସମଗ୍ର ଦେଶବାସୀଙ୍କୁ ଗର୍ବିତ କରିଥିବା ବେଳେ ଭାରତୀୟ ସେନାର ଏହି ଅସୀମ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ପାରାଦୀପ ପୌରପାଳିକା ତରଫରୁ ଆଜି ଆରମ୍ଭ ହୋଇଛି ପରାକ୍ରମ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା । ଏହି ଶୋଭାଯାତ୍ରା ପାରାଦୀପ ସମୁଦ୍ର ବେଳାଭୂମି ଠାରୁ ବାହାରି ଅଫିସର୍ସ କ୍ଲବ, ହାଉସିଂ ବୋର୍ଡ, ମଧୁବନ ଶିବମନ୍ଦିର, ଅଠରବାଙ୍କୀ ଓ ପାରାଦୀପ ଆଦର୍ଶ ଥାନା ଦେଇ ଗୋପବନ୍ଧୁ ଷ୍ଟାଡିୟମ ଠାରେ ପହଞ୍ଚିଥିଲା। ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ପାରାଦୀପର ସମସ୍ତ ଜନ ସାଧାରଣ, ଜନ ପ୍ରତିନିଧି, କ୍ରିଡାବିତ୍, ଏନସିସି ଛାତ୍ର ଛାତ୍ରୀ, ପୋଲିସ , ସ୍ୱେଚ୍ଛାସେବୀ ସଂଘଠନ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ପାରାଦ୍ୱୀପ ବିଧାୟକ ତଥା ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର ପ୍ରମୁଖ ଯୋଗଦେଇ ସମସ୍ତ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ।

## ଅପରେସନ ସିନ୍ଦୁରକୁ ସମ୍ମାନ ଜଣାଇ ପରାକ୍ରମ ତ୍ରିରଙ୍ଗା ବାଇକ ଶୋଭାଯାତ୍ରା



**ନବରଙ୍ଗପୁର,(ଡିକେ ନ୍ୟୁଜ):** ନବରଙ୍ଗପୁର ଠାରେ ବୀର ଯବାନଙ୍କ ସାହସ ଓ ବୀରତ୍ୱକୁ ସମ୍ମାନ ଜଣାଇ ଏକ ପରାକ୍ରମ ତ୍ରିରଙ୍ଗା ବାଇକ ଶୋଭାଯାତ୍ରା ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ବାଇପାସ୍ ରାସ୍ତା ଦେଇ ମଙ୍ଗଳମ୍ ଟିମ୍ବର, ଚଉଁରିଆଗୁଡା ଛକ ଏବଂ ସହର ମଧ୍ୟରେ ଦେଶାତ୍ମବୋଧକ ସଙ୍ଗୀତ ଏବଂ ସ୍ଲୋଗାନ ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ପ୍ରାରମ୍ଭରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର,ଏସିପି ମିହିର କୁମାର ପଣ୍ଡା ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ସମସ୍ତ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟର ଅଧିକାରୀଙ୍କ ସହ କର୍ମଚାରୀ, ପୋଲିସ, ସୁରକ୍ଷା ବାହିନୀ, ଅଗ୍ନିଶମ ବାହିନୀ, ଲୋକ ପ୍ରତିନିଧି,ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା, କଳାକାର ,ସଭାପତି, ଓକିଲ ସଂଘ ଏବଂ ସଭ୍ୟ, ସହରର ବୁଦ୍ଧିଜୀବୀ, ଉତ୍ସାହୀ ଜନ ସାଧାରଣ ନିଜ ନିଜ ବାଇକ୍ ଏବଂ ସ୍କୁଟି ରେ ଜାତୀୟ ପତାକା ବାନ୍ଧି ତ୍ରିରଙ୍ଗା ବାଇକ ଯାତ୍ରାରେ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏହି ବାଇକ୍ ଯାତ୍ରା ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜନ କରାଯାଇଥିଲା। ଏହି ତ୍ରିରଙ୍ଗା ବାଇକ ଯାତ୍ରା ଅପରେସନ ସିନ୍ଦୁରର ସଫଳ ଅଭିଯାନ ପରେ ଆତଙ୍କବାଦ ଓ ଦେଶଦ୍ରୋହୀଙ୍କ ବିରୋଧ ରେ ଏକ ସଶକ୍ତ ବାର୍ତ୍ତା ଦେଉଛି। ବୀର ଯବାନ ସଦା ସର୍ବଦା ଦେଶର ସୁରକ୍ଷା ପାଇଁ ତତ୍ପର ରହିଥାନ୍ତି। ସେହିମାନଙ୍କ ବଳିଦାନ ପାଇଁ ଆମେ ଏକ ସୁଖ ଜୀବନ ଅତିବାହିତ କରୁଛୁ। କାରଣ ସେମାନେ ବାହ୍ୟ ଶତ୍ରୁ ଆକ୍ରମଣରୁ ଆମକୁ ରକ୍ଷା କରିଥାନ୍ତି।

## ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ସାଲେପୁର ପବ୍ଲିକ ସ୍କୁଲର ଶତପ୍ରତିଶତ ସଫଳତା



**ସାଲେପୁର,(ଡିକେ ନ୍ୟୁଜ):** ମାଛୁଆତି ସ୍ଥିତ ସାଲେପୁର ପବ୍ଲିକ ସ୍କୁଲର ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ଶତପ୍ରତିଶତ ଫଳାଫଳ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ବିଦ୍ୟାଳୟର ଶୁଭମ ସ୍ୱରୂପ ପ୍ରଧାନ ୯୮%, ସୌମ୍ୟ ରଞ୍ଜନ ରାଉତ ୯୭%, ନିଲିର୍ନିଲିପ୍ତା ପ୍ରିୟଦର୍ଶିନୀ ପ୍ରଧାନ ୯୬.୫% ହାସଲ କରି ବ୍ଲକରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଅନୁଷ୍ଠାନ ତଥା ଅଞ୍ଚଳର ଗୌରବ ବୃଦ୍ଧି କରିଛନ୍ତି। ଦଶମ ବୋର୍ଡ ପରୀକ୍ଷା ଦେଇଥିବା ପିଲାମାନଙ୍କ ମଧ୍ୟରେ ୧୭ଜଣ ୯୦%ରୁ ଅଧିକ, ୩୫ଜଣ ୮୦ରୁ ୮୯%, ୬ଜଣ ୭୦ରୁ ୭୯% ଅନ୍ୟମାନେ ୬୦ରୁ ୬୯%ଫଳାଫଳ କରି ଗୌରବ ଆଣିଛନ୍ତି। ଦଶମ ବୋର୍ଡ ପରୀକ୍ଷାରେ ତନୁଶ୍ରୀ ରାଉତ ଓ ସୌମ୍ୟ ରଞ୍ଜନ ରାଉତ ଓଡ଼ିଆରେ ଶତପ୍ରତିଶତ ନମ୍ବର ରଖିଛନ୍ତି। ଦ୍ୱାଦଶ ବୋର୍ଡ ପରୀକ୍ଷାରେ ବିରଞ୍ଚି ନାରାୟଣ ଦାଶ ୯୦%ରୁ ଅଧିକ ରଖି ସର୍ବୋଚ୍ଚ ଫଳାଫଳ କରିଛନ୍ତି । ବିଦ୍ୟାଳୟର ଚଳିତ ଫଳାଫଳରେ ସନ୍ତୋଷ ପ୍ରକାଶ କରି ବିଦ୍ୟାଳୟର ସମ୍ପାଦକ ଦିଲ୍ଲୀପ କୁମାର ବରାଳ ଓ ପରିଚାଳନା ନିର୍ଦ୍ଦେଶିକା ଡ଼. ଜୟନ୍ତୀ ମିଶ୍ର, ଅଧକ୍ଷ ଡ଼. ଅଭିରାମ ସାହୁ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ଛାତ୍ର ଛାତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଠାକୁରାଣୀ ଯାତ୍ରା: ମା'ଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼



**ପୁରୁଷୋତ୍ତମପୁର,(ଡିକେ ନ୍ୟୁଜ):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଠାରେ ଚାଲିଥିବା ପଞ୍ଚଠାକୁରାଣୀଙ୍କ ଯାତ୍ରା ନବମ ଦିନରେ ପହଞ୍ଚିଛି। ପଞ୍ଚ ଠାକୁରାଣୀ ମା' କନକା, କାଳୁଆ, ତାରାତାରିଣୀ, କାଳୀ ଓ ଫୁଲସୁନ୍ଦରୀ ବଡବଜାରସ୍ଥିତ ଅସ୍ଥାୟୀ ମନ୍ଦିରରେ ପୂଜାପାଉଛନ୍ତ। ଏଥିଲାଗି ସମଗ୍ର ସହର ଉତ୍ସବମୁଖର ହୋଇପଡିଛି। ଗୁରବାର ସଂକ୍ରାନ୍ତି ହୋଇଥିବାରୁ ମା'ଙ୍କ ଦର୍ଶନ ଲାଗି ଭକ୍ତଙ୍କ ପ୍ରବଳ ଭିଡ଼ ଦେଖାଦେଇଛି। ପୁରୁଷୋତ୍ତମପୁର ସମେତ ଆଖପାଖ ଗ୍ରାମବାସୀ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିବାରେ ଲାଗିଛନ୍ତି।

## ଅପରାଧୀ ଚଳାଇଛନ୍ତି ଜୁଆ ଖେଳ: ବ୍ରହ୍ମପୁର-ଗଞ୍ଜାମ ପୁଲିସ ସବୁ ଜାଣି ନିରବ

**ବ୍ରହ୍ମପୁର,(ଡିକେ ନ୍ୟୁଜ):** ଅପରାଧୀମାନେ ଜୁଆ ଖେଳକୁ ଗଞ୍ଜାମ ଓ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ସକ୍ରିୟ ଭାବେ ଚଳାଇଛନ୍ତି। ବିଶେଷ ଭାବେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ବିଭିନ୍ନ ଅଞ୍ଚଳରେ ଜୁଆଖେଳ ପଡୁଥିବା ବେଳେ ପୁଲିସ ସୁରାକ୍ ପାଇ ଚୁପ୍ ବସୁଛି। ଯାହାକୁ ନେଇ ଏବେ ସାଧାରଣରେ ଆଲୋଚନା ହେଉଛି। କିଛି ଅପରାଧୀ ମିଳିତ ଭାବେ ଏହି ଜୁଆଖେଳକୁ ଚଳାଉଥିବା ବେଳେ କିଛି ବାବୁ ଏଥିପାଇଁ ହାତଗୁଞ୍ଜା ନେଉଥିବା ଲୋକଙ୍କ ମୁହଁରୁ ଶୁଣିବାକୁ ଚାହୁଁଛନ୍ତି। ଅପରାଧ ନିୟନ୍ତ୍ରଣ ଦୂର କଥା ଜୁଆଡିଙ୍କ ଉପରେ ମଧ୍ୟ ବିଶେଷ ପଦକ୍ଷେପ ଗ୍ରହଣ କରିପାରୁନି ପୁଲିସ। ଯାହାଫଳରେ ସହରରେ ଚୋରି ଓ ଡକାୟତି ମଧ୍ୟ ବଢୁଥିବା ବିଭିନ୍ନ ଥାନାରେ ରୁଜୁ ହୋଇଥିବା ମାମଲାରୁ ଜଣାପଡିଛି। ଗତମାସରେ ବ୍ରହ୍ମପୁର ସହରରେ ୩୦ରୁ ଅଧିକ ଚୋରି ହୋଇଥିବା ଥାନାରେ ରିପୋର୍ଟ ହୋଇଛି। ଚାରିଟି ମାମଲାକୁ ବାଦେଲେ ଅନ୍ୟ କୌଣସି ଚୋରିମାମଲାରର ଅପରାଧୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇନ୍ତି ପୁଲିସ। ଚମାଖଣ୍ଡି ଓ ଗୋପାଳପୁରର ଥାନା ସୀମାରେ ଏକ ବଡ଼ ଧରଣର ଜୁଆଖେଳ ପଡୁଥିବା ବେଳେ ଏହାକୁ ଚଳାଇଛନ୍ତି କିଛି ପୁରୁଣା ଅପରାଧୀ। ରୋଜଗାର ଦେବା ନାଁରେ କିଛି ଯୁବପିଢ଼ିଙ୍କୁଙ୍କୁ ଏହି ଏହି କାର୍ଯ୍ୟରେ ନିୟୋଜିତ କରୁଥିବା ଶୁଣିବାକୁ ମିଳୁଛି। ସେହିପରି ଖଲିଙ୍ଗି ରୋହିଗାଁ ମଝିରେ ମଧ୍ୟରେ ବ୍ରହ୍ମପୁରର ଦମ୍ପତି ଯାଇ ଖେଳ ପକାଉଥବା ସୁରାକ୍ ପାଇଛି। ସଦର ଓ ପାଟପୁର ଥାନା ରୋହି ଗାଁ- ଖଲିଙ୍ଗି ଅଞ୍ଚଳରେ ମଧ୍ୟ ବଡ଼ ଧରଣର ଜୁଆଖେଳ, ଚାଲିଥିବା ବେଳେ ପୁଲିସ କାହିଁକି ନିରବ ରହିଛି ସନ୍ଦେହ ଘେରକୁ ଆସିଛି। ହାତଗୁଞ୍ଜା ନେଇ ଜୁଆଡିମାନଙ୍କୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ହେଉଥିବା ବେଳେ ଅପରାଧୀମାନେ ମାରଣାସ୍ତ୍ର ଧରି ଜୁଆଖେଳକୁ ଜଗି ରହୁଛନ୍ତି। କରାପଲ୍ଲୀ ପୋଖରି ପାଖରେ ମାସକ ତଳେ ଜୁଆଖେଳକୁ ଖେଳକୁ ନେଇ ଦୁଇ ଗୋଷ୍ଠୀ ଭିତରେ ଗଣ୍ଡଗୋଳ ହେବା ପରେ ଜୁଆ ବନ୍ଦ ହୋଇଥିଲା। ଶୁକ୍ରବାର ଠାରୁ ପୁଣି ଆରମ୍ଭ ହୋଇଛି ବଡ଼ ଧରଣର ଜୁଆଖେଳ ଆରମ୍ଭ ହୋଇଥୁବା ସୂଚନା ମିଳିଛି। ଏହି ଜୁଆଖେଳ ପଛରେ ଅନେକ ମାଷ୍ଟରମାଇଣ୍ଡ ଥିବାବେଳେ ଜୁଆଖେଳକୁ ନେଇ କେତେବେଳେ ବଡ଼ଧରଣର ଅପରାଧ ମଧ୍ୟ ଘଟିପାରେ। ସେପଟେ ଭାବନ୍ଧ ଅଞ୍ଚଳରେ ମଧ୍ୟ କିଛି ଯୁବକ ସଂଗଠିତ ହୋଇ ଜୁଆଖେଳ ପକାଉଥିବା ବେଳେ ସେଠାରେ ମଧ୍ୟ ପୁଲିସ ପହଞ୍ଚି ପାରି ନାହିଁ। ଲାଠି ଆଟା ଫ୍ୟାକ୍ଟ୍ରି ଓ ବନ୍ଧୁପଲ୍ଲୀ ଅଞ୍ଚଳରେ କିଛିବର୍ଷ ଜୁଆଖେଳ ଚାଲିଥିଲେ ମଧ୍ୟ ପୁଲିସ ଚଢ଼ଉ କରିନଥିଲା। ଅପରାଧୀ ମାନେ ଏବେ ସହଜରେ ଟଙ୍କା ରୋଜଗାର କରିବା ପାଇଁ ଜୁଆଆଡୁ ଚଳାଉଛନ୍ତି। ଗଞ୍ଜାମ ଜିଲ୍ଲା ସହ ବାହାର ଜିଲ୍ଲା ଏବଂ ପଡୋଶୀ ଆନ୍ଧ୍ରରୁ ମଧ୍ୟ ଜୁଆଡିମାନେ ଆସି ଜୁଆଖେଳକୁ ସକ୍ରିୟ ଭାବେ ଚଳାଇଥିବା ସୂଚନା ମିଳିଛି।

# ସେଲ୍ଫିରେ ସୀମିତ ସହରର ସଫେଇ କାର୍ଯ୍ୟକ୍ରମରେ ବିଏମ୍‌ସି ବ୍ରହ୍ମପୁର ପାଇଁ ଦୁଃଖ

**ବ୍ରହ୍ମପୁର,(ଡିକେ ନ୍ୟୁଜ):** ଦକ୍ଷିଣ ଓଡ଼ିଶାର ବ୍ୟବସାୟିକ ପ୍ରାଣ କେନ୍ଦ୍ର ଭାବେ ପରିଚିତ ବ୍ରହ୍ମପୁର ରାଜ୍ୟର ତୃତୀୟ ମହାନଗର ନିଗମ ହୋଇଥିବା ବେଳେ ଦକ୍ଷିଣ ଓଡିଶା ସମେତ ପଡୋଶୀ ଆନ୍ଧ୍ରର ଲୋକେ ମଧ୍ୟ ଏହି ସହର ଉପରେ ପ୍ରତିଦିନ ନିର୍ଭର କରନ୍ତି। କିନ୍ତୁ ବ୍ରହ୍ମପୁର ସହର ପାଇଁ ଦୁଃଖ ପାଲଟିଛି ମହାନଗର ନିଗମର କାର୍ଯ୍ୟକଳାପ। ମୁଖ୍ୟତଃ ସାଧାରଣ ଲୋକଙ୍କ ପାଇଁ ମୌଳିକ ସୁବିଧା ଯଥା- ପାଣି, ରାସ୍ତା, ନାଳ, ପରିମଳ ବ୍ୟବସ୍ଥା ଯୋଗାଇ ଦେବାରେ ବିଏମସି ଯେ ଅକ୍ଷମ ଏକଥାକୁ ସହରବାସୀ ସଠିକ୍ ଭାବେ ବୁଝିଛନ୍ତି। ନିଗମରେ ହେଉଥିବା ଅନେକ ଦୁର୍ନୀତିକୁ ନେଇ ସ୍ୱର ଉତ୍ତୋଳନ ମଧ୍ୟ ହୋଇଛି। ସବୁଠାରୁ ବଡ କଥା ହେଲା ନିଗମ ଅଧୀନରେ ଥିବା ୩୫ ଟି ୱାର୍ଡରେ ମାସିକ କୋଟି କୋଟି ଟଙ୍କା ରାସ୍ତା ଏବଂ ନାଳ ସଫେଇ ପାଇଁ ଖର୍ଚ୍ଚ କରାଯାଉଥିବା ବେଳେ ଏହାର ସୁଫଳ ଦେଖିବାକୁ ମିଳୁନଥିବା ଶୁଣିବାକୁ ମିଳୁଛି। ଫଳରେ ସହରବାସୀ ଦୁର୍ଦ୍ଦଶା ଭୋଗୁଥିବା ଜଣାପଡ଼ିଛି। ସହରରେ ସଫେଇ ଅଭିଯାନ ଏବେ ସେଲଫିରେ ସୀମିତ ରହିଥିବା ଆଲୋଚନା ହେଉଛି। ଅନ୍ୟ ପକ୍ଷରେ ରାସ୍ତା ଉପରେ ପଡ଼ିଥିବା ଅଳିଆ ଆବର୍ଜନାକୁ କିଛି ସ୍ଥାନରେ ନାଳରେ ଭର୍ତ୍ତି ତ ଆଉ କିଛି ସ୍ଥାନରେ ରାସ୍ତା କଡରେ ପଡ଼ି ରହି ଦୁର୍ଗନ୍ଧ ବାହାରି ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେବା ସହ ମଶାମାଛିଙ୍କ ପ୍ରାଦୁର୍ଭାବ ବଢୁଥିବା ଦେଖିବାକୁ ମିଳିଛି। ୨୦୨୫ - ୨୬ ଆର୍ଥିକ ବର୍ଷ ପାଇଁ ସରକାର ପ୍ରଦାନ କରିଥିବା ୧୩୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଆକ୍ସନ ପ୍ଲାନ୍ ପ୍ରସ୍ତୁତ ପାଇଁ ବ୍ରହ୍ମପୁର ମହାନଗର ନିଗମର ଗତ କାଉନସିଲ ବୈଠକରେ ଆଲୋଚନା ହୋଇଥିଲା। ଏହି ଅର୍ଥ ୫ଟି ସ୍କିମ୍ ଅର୍ଥାତ୍ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ପାଇଁ ୩୮ କୋଟି ୫୮ ଲକ୍ଷ, ସ୍ୱଚ୍ଛ ଓଡ଼ିଶା ଯୋଜନା ପାଇଁ ୯ କୋଟି ୧୫ ଲକ୍ଷ, ଷ୍ଟ୍ରମ ୱାଟର ଡ୍ରେନେଜ ପାଇଁ ୧୦ କୋଟି ୫୨ ଲକ୍ଷ, ୧୫ ତମ ଫାଇନାନ୍ସ କମିଶନ ର ୫୧ କୋଟି ୨୧ଲକ୍ଷ ୫୨ ହଜାର ଏବଂ ୫ମ ଫାଇନାନ୍ସ କମିଶନ ବାବଦକୁ ୨୫ କୋଟି ୮୬ଲକ୍ଷ ୫୦ ହଜାର ଟଙ୍କାକୁ କିଭଳି ଖର୍ଚ୍ଚ କରାଯିବ ସେହି ବିଷୟରେ ଆଲୋଚନା ହୋଇଥିଲା। ତେବେ ସ୍ୱଚ୍ଛ ଓଡ଼ିଆ ଯୋଜନା ବାବଦକୁ ଥିବା ପ୍ରାୟ ୯ କୋଟି ୨୦ ଲକ୍ଷ ଟଙ୍କାକୁ ସହରରେ ସ୍ୱଚ୍ଛତା ପାଇଁ କିଭଳି ଖର୍ଚ୍ଚ କରାଯାଉଛି ତାହା ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି। ସହରର ପରିମଳ ଓ ପରିଚ୍ଛନ୍ନତା ନେଇ ବିଭିନ୍ନ ସମୟରେ ସହରର ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ସହରବାସୀଙ୍କ ପକ୍ଷରୁ ନିଗମ କର୍ତ୍ତୃପକ୍ଷ ଓ ଜନପ୍ରତିନିଧିଙ୍କୁ ଅଭିଯୋଗ କରିବା ପରେ ମଧ୍ୟ ଏହାର ସ୍ଥାୟୀ ସମାଧାନ ନିମନ୍ତେ କୌଣସି ଗୁରୁ□ପୂର୍ଣ୍ଣ ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହେଉଛି। ନିଗମରେ ସଫେଇ କାର୍ଯ୍ୟ ପାଇଁ ୩ଟି ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ସଫେଇ ନାମରେ ସାଧାରଣ ଲୋକଙ୍କ ଠାରୁ ମାସିକ ଟିକସ ଆଦାୟ କରାଯାଉଛି।







# ଦୋହା ଡାଏମଣ୍ଡ ଲିଗ୍; ଭାଗ ନେବେ ୪୫ ଅଲିମ୍ପିକ୍ସ, ବିଶ୍ୱ ଆଥଲେଟିକ ପଦକ ବିଜେତା



ନୂଆଦିଲ୍ଲୀ, ୧୫।୫ (ହି.ସ): ଶୁକ୍ରବାର ଠାରୁ ଆରମ୍ଭ ହେବ ଦୋହା ଡାଏମଣ୍ଡ ଲିଗ୍। ପ୍ୟାରିସ ଅଲିମ୍ପିକ୍ସରେ ୨୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ଜିତିଥିବା ବୋଟ୍ସୱାନାର ଲେସଲି ଟେବୋଗୋ ପ୍ରଥମ କରି ଦୋହା ଟ୍ରାକ୍ରେ ରେସ ଲଢିବାକୁ ଯାଉଛନ୍ତି। ଜାମାଇକା ଭେଟେରାନ ତଥା ପ୍ରସିଦ୍ଧ ଧାବିକା ସେଲି ଆନ୍-ଫ୍ରେଜର-ପ୍ରାଇସ ମଧ୍ୟ ଦୋହାରେ ରେସ୍କୁ ଓହ୍ଲାଇବେ। କେବଳ ସେତିକି ନୁହେଁ ମୋଟ୍ ୪୫ଜଣ ଅଲିମ୍ପିକ୍ସ ଓ ବିଶ୍ୱ ଆଥଲେଟିକ୍ସ ଋମ୍ପିଅନସିପ୍ରେ ପଦକ ଜିତିସାରିଥିବା ଆଥଲେଟ୍ ଦୋହାରେ ବିଭିନ୍ନ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛନ୍ତି। ଦୋହା ଚଳିତ ସିଜନର ତୃତୀୟ ସଂସ୍କରଣ। ପୂର୍ବରୁ ଜିଆମେନ ଓ ସାଙ୍ଘାଇରେ ଦୁଇଟି ସଂସ୍କରଣ ଶେଷ ହୋଇଛି। ଟୋବୋଗୋ ଉଭୟ ଲିଗରେ ଭାଗ ନେଇଥିଲେ। ଗତ ସିଜନରେ ଟେବୋଗୋଙ୍କ ପ୍ରଦର୍ଶନ ଚମତ୍କାର ରହିଥିଲା। ସେ ପ୍ରାୟତଃ ଅଧିକାଂଶ ପ୍ରତିଯୋଗିତାରେ ରାଜୁତି କରିଥିଲେ। ଅଲିମ୍ପିକ୍ସରେ ସେ ୨୦୦ ମିଟର ରେସରେ ସ୍ୱର୍ଣ୍ଣ ଓ ୧୦୦ ମିଟର ରେସରେ ରୌପ୍ୟ ପଦକ ହାସଲ କରିଥିଲେ। ଏହା ବ୍ୟତୀତ ବର୍ଷକ ମଧ୍ୟରେ ସେ ୯ଟି ପ୍ରତିଯୋଗିତାରେ ୨୦୦ ମିଟର ଇଭେଣ୍ଟକୁ ୨୦ ସେକେଣ୍ଡରୁ କମ୍ ସମୟ ମଧ୍ୟରେ ଶେଷ କରିଥିଲେ। ଏଥର ଦୋହାରେ ତାଙ୍କ ସହ କାନାଡ଼ାର ଆରନ ବ୍ରାଉନ୍, ଆମେରିକା (ୟୁଏସଏ)ର କର୍ଟନ ଲିଣ୍ଡସେ, କାଇରି କିଙ୍ଗ, ଦକ୍ଷିଣ ଆଫ୍ରିକାର ସନ ମାସ୍ୱାଗନୱି ପ୍ରତିଦ୍ୱନ୍ଦ୍ୱିତା କରିବେ। ଚଳିତ ବର୍ଷ ଅବସର ନେବାକୁ ଘୋଷଣା କରିସାରିଥିବା ଫ୍ରେଜର-ପ୍ରାଇସ ୧୦୦ ମିଟର ଇଭେଣ୍ଟ ଜରିଆରେ ଚଳିତ ସିଜନ ଆରମ୍ଭ କରିବେ। ତାଙ୍କ ସହ ଅନ୍ୟ ଜାମାଇକା ପ୍ରତିଯୋଗୀ ନତାଶା ମୋରିସନ, ଟିଆ କ୍ଲେଟନ ଓ ଟିନା କ୍ଲେଟନ ମଧ୍ୟ ଏହି ଇଭେଣ୍ଟରେ ଭାଗ ନେବେ। ୪୦୦ ମିଟର ଦୌଡ (ମହିଳା)ରେ ସାଡା ୱିଲିୟମ୍ସ, ନାତାଲିଆ ବୁକୋୱିକା, ଲିକି କ୍ଲାଭର, ସଲୱା ଇଦ ନେସର, ୪୦୦ମିଟର ହର୍ଡଲ୍ସ (ପୁରୁଷ) ଇଭେଣ୍ଟରେ କାର୍ଲ ବେଙ୍ଗଷ୍ଟ୍ରମ, ସିଜେ ଆଲେନ, ମାଲିକ ଜେମ୍ସ-କିଙ୍ଗ, ୧୧୦ ମିଟର ହର୍ଡଲ୍ସରେ ଡାନିଏଲ ରୋବୋର୍ଟ୍ସ, ରସିଦ ବ୍ରୋଡବେଲ, ହାଇଜମ୍ପରେ ଅଲିମ୍ପିକ୍ସ ଋମ୍ପିଅନ ନ୍ୟୁଜିଲାଣ୍ଡର ହାମିଶ କେର, ରେମଣ୍ଡ ରିଚର୍ଡ୍ସ, ମୁତାଜ ବର୍ସିମ ପ୍ରମୁଖ ଭାଗ ନେବାକୁ ଯାଉଛନ୍ତି। ଜାଭେଲିନ(ପୁରୁଷ) ଥ୍ରୋ ଇଭେଣ୍ଟରେ ଭାରତର ନୀରଜ ଚୋପ୍ରା ମଧ୍ୟ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇବେ। ତାଙ୍କ ସହ ଚେକ ଗଣରାଜ୍ୟର ଜାକୁବ ଭାଡଲେଜ, ଆଣ୍ଡରସନ ପିଟର୍ସ, କିସର୍ଣ୍ଣ ୱାଲକଟ, ଜୁଲିଆନ ୱେବର ଓ ଜୁଲିୟସ ୟେଗୋ ପ୍ରମୁଖ ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ୩୦୦୦ ମିଟର ଷ୍ଟିପଲଚେଜରେ ପ୍ୟାରିସ୍ ଅଲିମ୍ପିକ୍ସ ପଦକ ବିଜେତା ପୁନର୍ବାର ଲଢେଇ କରିବେ। ବାହାରିନର ୱିନଫ୍ରେଡ ୟାଭିଙ୍କ, ୟୁଗାଣ୍ଡାର ପେରୁଥ ଚେମୁତାଇ ଓ କେନିଆର ଫେଥ ଚେରୋଟିଚଙ୍କ ସହ ବିଶ୍ୱ ଆଥଲେଟିକ୍ସ ଉଦୀୟମାନ ଖେଳାଳି ପୁରସ୍କାର ଜିତିଥିବା ସେମ୍ବୋ ଅଲମାୱେ ମଧ୍ୟ ରେସ୍କୁ ଓହ୍ଲାଇବେ। ଟ୍ରିପଲ୍ ଜମ୍ପରେ ୧୫ମିଟର ଅତିକ୍ରମ କରିଥିବା ୩ ପ୍ରତିଯୋଗୀ ଅଲିମ୍ପିକ୍ସ ଋମ୍ପିଅନ୍ ଥିଆ ଲାଫଣ୍ଡ, ରୌପ୍ୟ ଜିତିଥିବା ସାନିଏକା ପିକେଟ୍ସ ଓ ବିଶ୍ୱ ଋମ୍ପିଅନସିପ୍ ରୌପ୍ୟ ବିଜୟିନୀ ମାରିନା ବେଖ-ରୋମନଚୁକ୍ଙ୍କ ମଧ୍ୟରେ କଡ଼ା ଟକ୍କର ହେବ। ଏମାନଙ୍କ ସହ ବିଶ୍ୱ ଲଙ୍ଗ ଜମ୍ପ ଋମ୍ପିଅନ ଇଭାନା ସ୍ପାନୋଭିକ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିବେ। ୨୦୨୨ ପରେ ସ୍ପାନୋଭିକ ପୁନର୍ବାର ଟ୍ରିପଲ ଜମ୍ପ ଇଭେଣ୍ଟରେ ଭାଗ ନେବାକୁ ଯାଉଛନ୍ତି। ପୋଲ ଭଲ୍ଟରେ ୟୁଏସଏର କାଟି ମୁନ୍ ଓ କାନାଡ଼ାର ଆଲିସା ନ୍ୟୁମାନଙ୍କ ମଧ୍ୟରେ ପୁଣି ଥରେ ଲଢେଇ ଦେଖିବାକୁ ମିଳିବ। ଏମାନଙ୍କ ସହ ୨୦୨୪ ବିଶ୍ୱ ଇନଡୋର ଋମ୍ପିଅନ୍ ମୋଲି କାଉଡ୍ରେ, ଦୋହା ଡିଫେଣ୍ଡିଂ ଋମ୍ପିଅନ୍ ସାଣ୍ଡି ମୋରିସ୍ ପ୍ରତିଦ୍ୱନ୍ଦ୍ୱିତା କରିବେ।

## ଟିମ ଇଣ୍ଡିଆର ଇଂଲଣ୍ଡ ଗସ୍ତ

# ୨୩ରେ ହୋଇପାରେ ଦଳ ଘୋଷଣା




ନୂଆଦିଲ୍ଲୀ, ୧୫।୫ (ହି.ସ): ଆସନ୍ତା ମାସରେ ଭାରତୀୟ ଦଳ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ପାଇଁ ଇଂଲଣ୍ଡ ଯାତ୍ରା କରିବ। ଜୁନ ୨୦ ତାରିଖରୁ ଟେଷ୍ଟ ସିରିଜ ଆରମ୍ଭ ହେବ। ଏହା ପୂର୍ବରୁ ଭାରତ ଏ' ଦଳ ଇଂଲଣ୍ଡ ଯାତ୍ରା କରି ୩ ମ୍ୟାଚ ବିଶିଷ୍ଟ ଅନଫିସିଆଲ ଟେଷ୍ଟ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି। ମେ ୩୦ ତାରିଖରୁ ଏ' ସିରିଜ ଆରମ୍ଭ ହେବ। ସମୟ ଗଡ଼ି ଋଲିଥିଲେ ହେଁ ବିସିସିଆଇ ଚୟନ କମିଟି ଏପର୍ଯ୍ୟନ୍ତ ଦଳ ଘୋଷଣା କରିପାରି ନାହିଁ। ଦୁଇ ଷ୍ଟାର ବ୍ୟାଟର ରୋହିତ ଶର୍ମା ଓ ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିସାରିଥିବାରୁ କ୍ରିକେଟ୍ ପ୍ରେମୀ ଟେଷ୍ଟ ଦଳ ଘୋଷଣାକୁ ଉତ୍ସୁକତାର ସହ ଅପେକ୍ଷା କରି ରହିଛନ୍ତି। ଯାହା ଜଣା ପଡୁଛି, ଆସନ୍ତା ୨୩ କିମ୍ବା ୨୪ ତାରିଖରେ ଦଳ ଘୋଷଣା କରାଯାଇପାରେ। ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଯୋଗୁଁ ଆଇପିଏଲକୁ ସାପ୍ତାହେ କାଳ ସ୍ଥଗିତ ରଖିବାକୁ ପଡ଼ିଥିଲା। ଯାହା ଫଳରେ ଦଳ ଚୟନ କରିବାରେ ମଧ୍ୟ ବିଳମ୍ବ ହୋଇଥିଲା। ଆସନ୍ତା ୧୭ ତାରିଖରୁ ଆଇପିଏଲର ବାକି ଭାଗ ଆରମ୍ଭ ହେବ। ପ୍ଲେ-ଅଫ୍ ଦୌଡରୁ ବାଦ ପଡ଼ିସାରିଥିବା ଦଳଗୁଡ଼ିକ ମଧ୍ୟରୁ ଖେଳାଳିମାନଙ୍କୁ ନେଇ ଏ' ଦଳ ଚୟନ କରାଯିବ।

# ଆଇପିଏଲ ପାଇଁ ୟୁ-ଟର୍ଣ୍ଣ ନେଲା ଦକ୍ଷିଣ ଆଫ୍ରିକା କ୍ରିକେଟ



ନୂଆଦିଲ୍ଲୀ, ୧୫।୫ (ହି.ସ): ଆଇପିଏର ଫ୍ରାଞ୍ଚାଇଜଗୁଡ଼ିକୁ ମିଳିଛି ବଡ଼ ଆଶ୍ୱସ୍ତି। ଦକ୍ଷିଣ ଆଫ୍ରିକା କ୍ରିକେଟ ତା'ର ପୂର୍ବ ନିଷ୍ପତ୍ତି ଆଇପିଏଲ ପାଇଁ ବଦଳାଇ ଦେଇଛି। ବିଶ୍ୱ ଟେଷ୍ଟ ଋମ୍ପିୟନଶିପ ଫାଇନାଲ ପାଇଁ ପ୍ରସ୍ତୁତି ତାରିଖ ବଦଳାଇ ଦେଇଛି ଦକ୍ଷିଣ ଆଫ୍ରିକା କ୍ରିକେଟ। ଜୁନ ୧୧ରୁ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବିଶ୍ୱ ଟେଷ୍ଟ ଋମ୍ପିୟନଶିପ ଫାଇନାଲ ଖେଳାଯିବ। ଏହାର ପ୍ରସ୍ତୁତି ପାଇଁ ଦକ୍ଷିଣ ଆଫ୍ରିକା କ୍ରିକେଟ ସ୍କ୍ୱାଡରେ ଥିବା ଖେଳାଳିଙ୍କୁ ମେ' ୨୬ ସୁଦ୍ଧା ଦେଶକୁ ଫେରିବାକୁ କୁହାଯାଇଥିଲା। ହେଲେ ଏବେ ଏହି ତାରିଖ ଜୁନ ୩ ଯାଏ ଘୁଞ୍ଚାଇ ଦିଆଯାଇଛି। କ୍ରିକେଟ ଦକ୍ଷିଣ ଆଫ୍ରିକାର ନିର୍ଦ୍ଦେଶକ ଇନୋକ ନକୱେ କହିଛନ୍ତି, ସଂଶୋଧନ-ମ୍ୟାଚ୍ ପାଇଁ ସ୍କ୍ୱାଡର ତାଲିମ ଜୁନ ୩ରୁ ଆରମ୍ଭ ହେବ। ମୋ ଠାରୁ ଉପରେ ଏହି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ତଳସ୍ତରରେ ଆମେ ବିଶ୍ୱ ଟେଷ୍ଟ ଋମ୍ପିୟନଶିପ ଫାଇନାଲର ପ୍ରସ୍ତୁତି ଉପରେ ଫୋକସ ରଖିଛୁ। ଏପରି ନିଷ୍ପତ୍ତିର ଅର୍ଥ ଏବେ କାଗିସୋ ରବାଡା, ଆଡେନ ମାର୍କରମ, ଲୁଙ୍ଗି ଏନଗିଡି, ମାର୍କୋ ଜାନସେନ ଓ ଟ୍ରିଷ୍ଟାନ ଷ୍ଟବ୍ସଙ୍କ ଭଳି ଖେଳାଳି ବାକି ରହିଥିବା ଆଇପିଏଲ ୨୦୨୫ର ମ୍ୟାଚ୍ ଗୁଡ଼ିକରେ ଭାଗ ନେଇପାରିବେ। ଭାରତ ଓ ପାକିସ୍ତାନ ବିବାଦ ଯୋଗୁ ଆଇପିଏଲ ୨୦୨୫ ପ୍ରାୟ ସପ୍ତାହେ ଯାଏ ସ୍ଥଗିତ ରହିଥିଲା। ଶୁକ୍ରବାର ଠାରୁ ବାକି ରହିଥିବା ଆଇପିଏଲ ୨୦୨୫ର ମ୍ୟାଚଗୁଡ଼ିକ ଆରମ୍ଭ ହେବ। କିନ୍ତୁ କ୍ରିକେଟ ଦକ୍ଷିଣ ଆଫ୍ରିକା ମେ' ୨୬ରୁ ଖେଳାଳିଙ୍କୁ ରିପୋର୍ଟିଂ ପାଇଁ କହିଥିବାରୁ ସେମାନେଙ୍କ ଅଂଶଗ୍ରହଣ ଅନିଶ୍ଚିତତା ମଧ୍ୟକୁ ଋଲି ଯାଇଥିଲା। ହେଲେ ଏବେ ଆଇପିଏଲ ଫାଇନାଲ ଜୁନ ୩ରେ ହେବାକୁଥିବା ବେଳେ କ୍ରିକେଟ ଦକ୍ଷିଣ ଆଫ୍ରିକା ସେହି ଅନୁସାରେ ନିଜର ଟ୍ରେନିଂ ସେସନ୍କୁ ବଦଳାଇ ଦେଇଛି। ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଋମ୍ପିୟନଶିପ ଫାଇନାଲ ପୂର୍ବରୁ ଦକ୍ଷିଣ ଆଫ୍ରିକା ଜୁନ ୩ରେ ଜିମ୍ବାୱେ ସହ ଗୋଟିଏ ଅଭ୍ୟାସ ଖେଳିବାର ଥିଲା। କିନ୍ତୁ ଏବେ ଉକ୍ତ ମ୍ୟାଚର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଦେଖାଯାଇଛି। ପୂର୍ବ ବୁଝାମଣା ଅନୁସାରେ, ବିସିସିଆଇ ଆଇପିଏଲରେ ଭାଗ ନେଇଥିବା ବିଦେଶୀ ଖେଳାଳିଙ୍କୁ ମେ' ୨୬ରୁ ରିଲିଜ କରିବାର ଥିଲା। କିନ୍ତୁ ସଂଶୋଧିତ ଆଇପିଏଲ ସୂଚୀ ଅନୁସାରେ ଲିଗ ପର୍ଯ୍ୟାୟ ମେ' ୨୭ରେ ସରିବ ଓ ଫାଇନାଲ ଜୁନ ୩ରେ ଖେଳାଯିବ। ଆଇପିଏଲ ଖେଳୁଥିବା ଦକ୍ଷିଣ ଆଫ୍ରିକାର ୮ ଜଣ ଖେଳାଳି ବିଶ୍ୱ ଟେଷ୍ଟ ଋମ୍ପିୟନଶିପ ଫାଇନାଲ ପାଇଁ ଘୋଷଣା ହୋଇଥିବା ସ୍କ୍ୱାଡରେ ରହିଛନ୍ତି।

# ଟେଷ୍ଟ କ୍ରିକେଟରୁ ସନ୍ନ୍ୟାସ ପରେ ଏବେ ରାଜନୀତିରେ ଯୋଗ ଦେବେ ରୋହିତ !



ମୁମ୍ବାଇ, ୧୫।୫ (ହି.ସ): ଭାରତୀୟ କ୍ରିକେଟ ଦଳର ପୂର୍ବତନ ଟେଷ୍ଟ ଅଧିନାୟକ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସଙ୍କୁ ତାଙ୍କ ସରକାରୀ ବାସଭବନ 'ବର୍ଷା'ରେ ଭେଟିଛନ୍ତି। ଗତ ୧୧ ମାସ ମଧ୍ୟରେ ଏହି ବୈଠକ ଦ୍ୱିତୀୟ ଥର ପାଇଁ ହୋଇଛି, ଯାହା ଯୋଗୁ ରୋହିତ ଶର୍ମାଙ୍କ ରାଜନୀତିରେ ସମ୍ଭାବ୍ୟ ପ୍ରବେଶ ସମ୍ପର୍କରେ ଆଲୋଚନା ଜୋର ଧରିଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ ସୋସିଆଲ ମିଡିଆରେ ରୋହିତ ଶର୍ମାଙ୍କ ସହ ଫଟୋ ଶେୟାର କରି ଲେଖିଛନ୍ତି, ଏହି ବର୍ଷ ମୋର ସରକାରୀ ବାସଭବନରେ ଭାରତୀୟ କ୍ରିକେଟର ରୋହିତ ଶର୍ମାଙ୍କୁ ସ୍ୱାଗତ କରିବା, ତାଙ୍କ ସହିତ ସାକ୍ଷାତ କରିବା ଏବଂ କଥା ହେବା ମୋ ପାଇଁ ବହୁତ ଖୁସିର କଥା। ଟେଷ୍ଟ କ୍ରିକେଟରୁ ତାଙ୍କର ଅବସର ଏବଂ ପରବର୍ତ୍ତୀ ଯାତ୍ରା ପାଇଁ ମୁଁ ତାଙ୍କୁ ଶୁଭକାମନା ଜଣାଉଛି। ରୋହିତ ଶର୍ମାଙ୍କ ଏହି ସାକ୍ଷାତକୁ ସାଧାରଣ ଔପଋରିକତା ବାହାରେ ବିବେଚନା କରାଯାଉଛି। ଗତ ୧୧ ମାସ ମଧ୍ୟରେ ଏହା ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କର ଦ୍ୱିତୀୟ ସାକ୍ଷାତ। ପୂର୍ବରୁ, ୨୦୨୪ ଟି-୨୦ ବିଶ୍ୱକପ ଜିତିବା ପରେ, ସେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏବଂ ବର୍ତ୍ତମାନର ଉପ-ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କୁ ଭେଟିଥିଲେ। ଏହି ବୈଠକଗୁଡ଼ିକର ରାଜନୈତିକ ସମୟ ଏବଂ ପ୍ରସଙ୍ଗ ଅନେକ ବିଶେଷଜ୍ଞଙ୍କୁ ବିଶ୍ୱାସ କରାଇଛି ଯେ, କ୍ରିକେଟରୁ ଅବସର ନେବା ପରେ ରୋହିତ ରାଜନୀତିରେ ସକ୍ରିୟ ଭୂମିକା ଗ୍ରହଣ କରିପାରନ୍ତି। ରୋହିତ ଶର୍ମାଙ୍କ ଜନ୍ମ ମହାରାଷ୍ଟ୍ରର ନାଗପୁରରେ ହୋଇଥିଲା। ସେ ମୁମ୍ବାଇ ରଣଜୀ ଦଳ ପାଇଁ ଘରୋଇ କ୍ରିକେଟ ଖେଳିଛନ୍ତି। ରାଜ୍ୟରେ ତାଙ୍କର ଅନେକ ପ୍ରଶଂସକ ଅଛନ୍ତି। ତାଙ୍କର ସ୍ୱଚ୍ଛ ଏବଂ ବିବାଦମୁକ୍ତ ଭାବମୂର୍ତ୍ତିକୁ ଦୃଷ୍ଟିରେ ରଖି, ସେ ଯେକୌଣସି ରାଜନୈତିକ ଦଳ ପାଇଁ ନିର୍ବଚନୀ ମୁହଁ ହୋଇପାରିବେ।

# ୧୪ ବର୍ଷ ବୟସରେ ବାପାଙ୍କ ସହ ଧମାଲ କରିବେ ଯୁଗ ଦେବଗନ




ନୂଆଦିଲ୍ଲୀ, ୧୫।୫ (ହି.ସ): ବଲିଉଡର ଲୋକପ୍ରିୟ ଷ୍ଟାର କିଡ୍ସମାନେ ନିଜ ମାଆ କିମ୍ବା ବାପାଙ୍କ ପରି ଅଭିନୟ ଜଗତରେ ନାମ କମାଉଛନ୍ତି। ନିକଟ ଅତୀତରେ, ଶାହରୁଖ ଖାନଙ୍କ ଝିଅ ସୁହାନା ଖାନ, ଶ୍ରୀଦେବୀଙ୍କ ଝିଅ ଖୁସି କପୁର ଏବଂ ସୈଫ ଅଲ୍ଲୀ ଖାନଙ୍କ ପୁଅ ଇବ୍ରାହିମ ଅଲ୍ଲୀ ଖାନଙ୍କ ପରି ଷ୍ଟାରମାନେ ଫିଲ୍ମରେ ଡେବ୍ୟୁ କରିଛନ୍ତି। ଏବେ ଅଜୟ ଦେବଗନଙ୍କ ପ୍ରିୟ ପୁଅ ଯୁଗ ଦେବଗନଙ୍କର ପାଳି ଆସିଛି। ହଁ ଆପଣ ଠିକ ଶୁଣିଲେ, ଅଜୟ ଦେବଗନଙ୍କ ପୁଅ ଯୁଗ ଦେବଗନ ଏବେ ଫିଲ୍ମ ଜଗତରେ ଡେବ୍ୟୁ କରିବାକୁ ପ୍ରସ୍ତୁତ, ତାହା ମଧ୍ୟ ତାଙ୍କ ବାପାଙ୍କ ସହିତ। ତାଙ୍କ ଫିଲ୍ମର ପ୍ରଥମ ଝଲକ ଏବଂ ରିଲିଜ୍ ତାରିଖ ମଧ୍ୟ ପ୍ରକାଶ ପାଇଛି, ଯାହାକୁ ଦେଖି ପ୍ରଶଂସକମାନେ ବହୁତ ଖୁସି ହୋଇଛନ୍ତି। ପ୍ରକୃତରେ, ଅଜୟ ଦେବଗନଙ୍କ ପୁଅ ଯୁଗ ଦେବଗନ ଜ୍ୟାକି ଋନଙ୍କ ହଲିଉଡ୍ ଫିଲ୍ମ 'କରାଟେ କିଡ୍ ଲେଜେଣ୍ଡସ'ରେ ସ୍ୱର ଦେବାକୁ ଯାଉଛନ୍ତି। ଏହି ବହୁ ପ୍ରତୀକ୍ଷିତ ଫିଲ୍ମର ହିନ୍ଦୀ ଡବରେ ସେ ବେନ୍ ୱାଙ୍ଗଙ୍କ ପାଇଁ ଡାବିଙ୍ଗ କରିବେ ଅଜୟ ଦେବଗନ ମଧ୍ୟ ହିନ୍ଦୀ ସଂସ୍କରଣରେ ଜ୍ୟାକି ଋନଙ୍କ ପାଇଁ ଭଏସ ଦେବେ। ସୋନି ପିକଚର୍ସ ସୋସିଆଲ ମିଡିଆରେ ଏକ ଫଟୋ ମଧ୍ୟ ସେୟାର କରିଛି। ଫଟୋରେ ଅଜୟ ଦେବଗନ ଏବଂ ଯୁଗ ଦେବଗନ ଏକାଠି ନଜର ଆସିଛନ୍ତି। ପୋଷ୍ଟର କ୍ୟାପସନରେ ଲେଖାଯାଇଛି ଯେ, ଅଜୟ ଦେବଗନ ଏବଂ ଯୁଗ ଦେବଗନ କରାଟେ କିଡ୍ ଲେଜେଣ୍ଡସ୍ (ହିନ୍ଦୀ)ରେ ଜ୍ୟାକି ଋନ୍ ଏବଂ ବେନ୍ ୱାଙ୍ଗଙ୍କ ଯାତ୍ରାକୁ ଜୀବନ୍ତ କରିବାକୁ ପ୍ରସ୍ତୁତ। ନିର୍ମାତାମାନେ ସୂଚନା ଦେଇଛନ୍ତି ଯେ କରାଟେ କିଡ୍ ଲିଜେଣ୍ଡସର ହିନ୍ଦୀ ଟ୍ରେଲର ଖୁବ୍ ଶୀଘ୍ର ରିଲିଜ୍ ହେବ। ଏହି ଫିଲ୍ମଟି ମେ ୩୦ ତାରିଖରେ ସାରା ବିଶ୍ୱରେ ସିନେମା ହଲରେ ମୁକ୍ତିଲାଭ କରିବ। ଉଲ୍ଲେଖ ଥାଉ କି ଯେ ଅଜୟ ଦେବଗନଙ୍କ ପୁଅ ପରି, ଶାହରୁଖ ଖାନଙ୍କ ପୁଅ ଅବରାମ ଖାନ ମଧ୍ୟ ମୁଫାସା ଦ ଲାୟନ କିଙ୍ଗରେ ନିଜର କଣ୍ଠସ୍ୱର ଦେଇଛନ୍ତି। ଏହି ଫିଲ୍ମରେ ଶାହରୁଖ ମଧ୍ୟ ନିଜ କଣ୍ଠସ୍ୱର ଦେଇଥିଲେ।

## ତୁର୍କୀରେ ହେବନି ଫିଲ୍ମ ସୁଟିଂ


# ଭାରତୀୟ ଫିଲ୍ମ ନିର୍ମାତାଙ୍କୁ ଚିଠି ଲେଖିଲା ଏଫ୍ଡବ୍ଲୁଆଇସିଇ



ନୂଆଦିଲ୍ଲୀ, ୧୫।୫ (ହି.ସ): ଫେଡେରେସନ୍ ଅଫ୍ ୱେଷ୍ଟର୍ଣ୍ଣ ଇଣ୍ଡିଆ ସିନେ ଏମ୍ପ୍ଲଇଜ୍ (ଏଫ୍ଡବ୍ଲୁଆଇସିଇ) ଭାରତୀୟ ଫିଲ୍ମ ନିର୍ମାତାମାନଙ୍କୁ ତୁର୍କୀକୁ ବର୍ଜନ କରିବାକୁ ଅପିଲ କରିଛି। ଏଫ୍ଡବ୍ଲୁଆଇସିଇର ମୁଖ୍ୟ ପରାମର୍ଶଦାତା ଅଶୋକ ପଣ୍ଡିତ ଏକ ଚିଠି ଲେଖି ସମସ୍ତ ଭାରତୀୟ ଫିଲ୍ମ ନିର୍ମାତାଙ୍କୁ ତୁର୍କୀକୁ ଫିଲ୍ମ ସୁଟିଂ ଲୋକେସନ୍ ଭାବେ ନ ବାଛିବାକୁ ଆହ୍ୱାନ କରିଛନ୍ତି। ଏହି ସମୟରେ ସେ ଭାରତର ଜାତୀୟ ସ୍ୱାର୍ଥକୁ ପ୍ରଭାବିତ କରିବା ମାମଲାରେ ପାକିସ୍ତାନ ପ୍ରତି ତୁର୍କୀର ସମର୍ଥନ ସଂପର୍କରେ ଉଦାହରଣ ଦେଇଥିଲେ। ଚିଠିରେ ଦୁବେ କହିଛନ୍ତି, ଦେଶ ପ୍ରଥମେ ବୋଲି ଏଫ୍ଡବ୍ଲୁଆଇସିଇ ସବୁବେଳେ ଗୁରୁତ୍ୱ ଦେଇ ଆସିଛି। ନିକଟରେ ଘଟିଥିବା ଘଟଣାକ୍ରମ ଓ ତୁର୍କୀ ଦ୍ୱାରା ପାକିସ୍ତାନକୁ ନିରନ୍ତର ସମର୍ଥନ ଦିଆଯିବା ଆମର ଜାତୀୟ ସୁରକ୍ଷା ନେଇ ଉଦ୍ବେଗ ସୃଷ୍ଟି କରିଛି। ଏଭଳି କ୍ଷେତ୍ରରେ ତୁର୍କୀକୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଲାଭ ମିଳିବାକୁ ଥିବା କୌଣସି ପ୍ରକାର ପ୍ରୋଜେକ୍ଟରେ ଭାରତୀୟ ଫିଲ୍ମ ଉଦ୍ୟୋଗ ବିନିଯୋଗ କରିବା କିମ୍ବା ସହଭାଗୀ ହେବା ଅନୁଚିତ ବୋଲି ସେ କହିଛନ୍ତି। 'ଦିଲ୍ ଧଡକନେ ଦୋ', 'ଗୁରୁ', 'କୋଡ୍ ନେମ: ତ୍ରିରଙ୍ଗା', 'ରେସ୍-୨'ଭଳି ଅନେକ ଭାରତୀୟ ଫିଲ୍ମ ତୁର୍କୀରେ ସୁଟିଂ ହୋଇଛି।

# ଆସିଲା 'ସିତାରେ ଜମିନ ପର' ଟ୍ରେଲର, କୋଚ୍ ସାଜିଲେ ଆମିର ଖାନ୍

ମୁମ୍ବାଇ, ୧୫।୫ (ହି.ସ): ଆମିର ଖାନଙ୍କ ଫିଲ୍ମ 'ସିତାରେ ଜମିନ ପର' ୧୮ ବର୍ଷ ପରେ ପୁଣି ପୁରୁଣା ଜାଦୁ ନେଇ ଫେରୁଛି ଯାହା 'ତାରେ ଜମିନ ପର'ରେ ନଜର ଆସିଥିଲା। ଏହି ଫିଲ୍ମ ଆପଣଙ୍କୁ ଭାବୁକ କରିବା ସହିତ ହସର ମଧ୍ୟ ଖୋରାକ ଯୋଗାଇବ। ଆମିର ଖାନଙ୍କ ବହୁ ପ୍ରତିକ୍ଷୀତ ଫିଲ୍ମ ସିତାରେ ଜମିନ ପରର ଟ୍ରେଲର ରିଲିଜ୍ ହୋଇଯାଇଛି। ୨୦୦୭ ମସିହାରେ ଆସିଥିବା ତାରେ ଜମିନ ପରର ଏହା ସ୍ପିରିଚୁଆଲ ସିକ୍ୱେଲ। ଫିଲ୍ମର ଟ୍ୟାଗ୍ ଲାଇନ୍ ହେଉଛି 'ସବକା ଅପନା ଅପନା ନର୍ମାଲ'। ଏହି ଲାଇନରେ ସମସ୍ତଙ୍କୁ ଏକାଠି ନେଇ ସାଙ୍ଗରେ ଋଲିବାକୁ ସନ୍ଦେଶ ଦିଆଯାଇଛି। ଏହା ନିଶ୍ଚୟ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ଛାପ ଛାଡିବ। ଫିଲ୍ମରେ ବାସକେଟବଲ ଖେଳ ନଜର ଆସୁଛି। ଆମିର ଖାନ୍ କୋଚ୍ ଭାବେ କିଛି ଖେଳାଳୀଙ୍କୁ ବାସକେଟ ବଲ ଟ୍ରେନିଂ ଦେଉଛନ୍ତି। ଏହି ଟିମକୁ ବିଜୟ ଲାଭ ପାଇଁ ଅନେକ ପରିଶ୍ରମ କରିବାକୁ ପଡୁଛି। ତେବେ ଏହି ଟିମ୍ ଜିତୁଛି କି ନାହିଁ ତାହା ସିନେମା ମୁକ୍ତିଲାଭ କରିବା ପରେ ହିଁ ଜଣାପଡିବ। ଫିଲ୍ମରେ ଜେନେଲିଆ ଦେଶମୁଖ ଆମିର ଖାନଙ୍କ ସହ ମୁଖ୍ୟ ଭୂମିକାରେ ନଜର ଆସିବେ। ଫିଲ୍ମ ୨୦ ଜୁନରେ ରିଲିଜ ହେବ।




କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik

Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com

Phone-0674-2975387
Mob: 9090962011

ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik